Bhubaneswar- 12 June 2026
ଭୁବନେଶ୍ୱର- ୧୨ ଜୁନ୍ ୨୦୨୬
Vol- 1 Issue - 46
ଭାଗ- ୧ ସଂଖ୍ୟା- ୪୬
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
# THE PRATISHABDA




## ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ସାମିଲ

# ଓଡ଼ିଶା ବିକାଶର ନୀଳ ନକ୍ସା

- ଏଆଇ ଭିତ୍ତିକ ଶାସନ ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ
- 'ବିକଶିତ ଭାରତ-୨୦୪୭' ଲକ୍ଷ୍ୟ ପୂରଣ ନେଇ ରୋଡ଼ମ୍ୟାପ



**ଭୁବନେଶ୍ୱର/ ନୂଆଦିଲ୍ଲୀ :** ନୀତି ଆୟୋଗର ୧୧ତମ ପରିଚାଳନା ପରିଷଦ ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ସାମଗ୍ରିକ ବିକାଶ, ମାନବ ସମ୍ପଦ ସଶକ୍ତିକରଣ ଓ 'ବିକଶିତ ଭାରତ-୨୦୪୭' ଲକ୍ଷ୍ୟ ପୂରଣ ନେଇ ରାଜ୍ୟ ସରକାରଙ୍କ ରୋଡମ୍ୟାପ୍ ଉପସ୍ଥାପନ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟର ବିଭିନ୍ନ ପଦକ୍ଷେପ ବିଷୟରେ ଅବଗତ କରାଇବା ସହ ଏଆଇ ଭିତ୍ତିକ ଶାସନ ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ଦୃଷ୍ଟିକୋଣ ଫଳରେ ପୂର୍ବ ଭାରତ ଦେଶର ନୂତନ ବିକାଶ କେନ୍ଦ୍ରରେ ପରିଣତ ହେଉଥିବା ବେଳେ ଓଡ଼ିଶା ଏହାର ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଥିବା ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶା ୭.୯ ପ୍ରତିଶତ ଆର୍ଥିକ ଅଭିବୃଦ୍ଧି ହାସଲ କରିଥିବା ବେଳେ ଆର୍ଥିକ ଶୃଙ୍ଖଳା ରକ୍ଷା କରି ନୀତି ଆୟୋଗର ଫିସ୍କାଲ ହେଲଥ ଇଣ୍ଡେକ୍ସ-୨୦୨୬ରେ ପ୍ରଥମ ସ୍ଥାନ ଅଧିକାର କରିଛି। ରେଳ ବିକାଶ ପାଇଁ କେନ୍ଦ୍ର ସରକାର ୧୦,୯୨୮ କୋଟି ଟଙ୍କା ବଜେଟ୍ ବ୍ୟବସ୍ଥା କରିଥିବା ବେଳେ ରାଜ୍ୟରେ ୯୦ ହଜାର କୋଟି ଟଙ୍କାରୁ ଅଧିକ ରେଳ ପ୍ରକଳ୍ପ ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହା ସଂଯୋଗକୁ ସୁଦୃଢ଼ କରୁଛି ଏବଂ ନୂତନ ଆର୍ଥିକ ସୁଯୋଗ ଖୋଲିଛି। ସାଗରମାଳା ଓ ପିଏମ୍ ଗତିଶକ୍ତି ଯୋଜନା ଅଧୀନରେ ଓଡ଼ିଶା ଏକ ପ୍ରମୁଖ ସାମୁଦ୍ରିକ ଓ ଲଜିଷ୍ଟିକ୍ସ ହବ୍ ଭାବେ ଉଭା ହେଉଥିବା ଉଲ୍ଲେଖ କରିଛନ୍ତି। ବାହୁଦା ଗଭୀର ସମୁଦ୍ର ବନ୍ଦର ଏବଂ ଜାତୀୟ ଜଳପଥ-୫ ର ବିକାଶ ଦ୍ୱାରା ବାଣିଜ୍ୟ ଓ ଯୋଗାଯୋଗ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି ହେବ ବୋଲି ସେ କହିଛନ୍ତି। ବିଶ୍ୱ ବାଣିଜ୍ୟରେ ପୂର୍ବ ଭାରତର ଭୂମିକାକୁ ସୁଦୃଢ଼ କରିବ। ସେହିପରି ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଦୁଇଟି ସେମିକଣ୍ଡକ୍ଟର ପ୍ରକଳ୍ପ ଅନୁମୋଦନ ରାଜ୍ୟର ଶିଳ୍ପ ପରିବେଶକୁ ଆହୁରି ମଜବୁତ କରିଛି। ରାଜ୍ୟକୁ ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର ଏବଂ ଉନ୍ନତ ଉତ୍ପାଦନ ପାଇଁ ଏକ ଉଦୀୟମାନ କେନ୍ଦ୍ର ଭାବରେ ସ୍ଥାନିତ ହେବ। 'ଇନକ୍ଲୁସିଭ୍ ହ୍ୟୁମାନ ଡେଭେଲପମେଣ୍ଟ ଫର ବିକଶିତ ଭାରତ-୨୦୪୭' ବିଷୟବସ୍ତୁ ଉପରେ ମତ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, କେବଳ ଭିତ୍ତିଭୂମି ବିକାଶ ନୁହେଁ, ବରଂ ଦକ୍ଷ ଯୁବଶକ୍ତି, ସୁସ୍ଥ ପରିବାର, ଶିକ୍ଷିତ ଶିଶୁ ଓ ସମାନ ସୁଯୋଗ ହିଁ ବିକଶିତ ଭାରତର ଭିତ୍ତି। ମାନବ ବିକାଶରେ ନିରନ୍ତର ନିବେଶ ମାଧ୍ୟମରେ ବିକଶିତ ଓଡ଼ିଶା ନିର୍ମାଣ କରିବାକୁ ପ୍ରତିବଦ୍ଧ। ପ୍ରକୃତରେ ଆମର ଦୃଷ୍ଟିକୋଣର ତିନୋଟି ସ୍ତମ୍ଭ ମଧ୍ୟରୁ ଗୋଟିଏ ହେଉଛି ସ୍ୱାସ୍ଥ୍ୟ, ପୁଷ୍ଟିସାର ଏବଂ ଶିକ୍ଷା ସମେତ ଅନ୍ତର୍ଭୁକ୍ତତା ଏବଂ ସମୃଦ୍ଧି ବୋଲି ମୁଖ କହିଛନ୍ତି। ପ୍ରାଥମିକ ଶିକ୍ଷା କ୍ଷେତ୍ରରେ 'ଆମ କୁନି ପିଲା', 'ଆମେ ପଢିବା ଆମ ଭାଷାରେ', 'ମୋ ବିକାଶ ପତ୍ର' ଭଳି କାର୍ଯ୍ୟକ୍ରମ ଶିଶୁ ବିକାଶକୁ ନୂଆ ଦିଗ ଦେଇଛି । ଓଡ଼ିଶା କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରି ଶିଶୁ-ନିର୍ଦ୍ଦିଷ୍ଟ ଶିକ୍ଷା ପ୍ରଦାନ କରିବ । ରାଜ୍ୟରେ ୪୪,୮୭୫ଟି ଶିଶୁ ବାଟିକା ଶ୍ରେଣୀକକ୍ଷ ସ୍ଥାପନ, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଅଧୀନରେ ନବମ ଓ ଦଶମ ଶ୍ରେଣୀର ୧୧ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣ ଓ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ 'ଶହୀଦ ମାଧୋ ସିଂ ହାତଖର୍ଚ୍ଚା ଯୋଜନା' କାର୍ଯ୍ୟକାରୀ ହୋଇଥିବା ସେ ସୂଚନା ଦେଇଛନ୍ତି। ଶ୍ରମ ବଜାରର ବିକଶିତ ପ୍ରକୃତିକୁ ସ୍ୱୀକାର କରି, ରାଜ୍ୟ ଏକ ବ୍ୟାପକ ଏବଂ ବହୁସ୍ତରୀୟ ଦକ୍ଷତା ଇକୋସିଷ୍ଟମ ଗ୍ରହଣ କରିଛି। ଯାହା ସ୍ୱଳ୍ପକାଳୀନ ତାଲିମ, ଦୀର୍ଘକାଳୀନ ବୃତ୍ତିଗତ ଶିକ୍ଷା, ଉଚ୍ଚ ବୈଷୟିକ ଶିକ୍ଷା ଏବଂ ଉନ୍ନତ ଦକ୍ଷତା ବିଶେଷଜ୍ଞତାକୁ ବ୍ୟାପିଛି।ତୃଣମୂଳ ଭିତ୍ତିଭୂମି, ଗଣ ଅଂଶଗ୍ରହଣ ଏବଂ ପ୍ରତିଭା ବିକାଶ ଉପରେ କେନ୍ଦ୍ରିତ ଏକ ବ୍ୟାପକ ଏବଂ ଅନ୍ତର୍ଭୁକ୍ତ ଆଭିମୁଖ୍ୟ ମାଧ୍ୟମରେ ଓଡ଼ିଶା ଏକ ଅଗ୍ରଣୀ କ୍ରୀଡା ରାଜ୍ୟ ଭାବରେ ଉଭା ହୋଇଛି। କ୍ରୀଡ଼ା କ୍ଷେତ୍ରରେ ୩୧୪ଟି ବ୍ଲକ୍ ସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ, 'ଫିଟ୍ ଓଡ଼ିଶା ମିଶନ' ଏବଂ 'ମୁଖ୍ୟମନ୍ତ୍ରୀ ଟ୍ରଫି' ମାଧ୍ୟମରେ ଗ୍ରାମାଞ୍ଚଳର ପ୍ରତିଭାଙ୍କୁ ପ୍ରୋତ୍ସାହନ ଦିଆଯାଉଛି।

## ଅମୁନି ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ

# ଇରାନ ଉପରେ ହେବ ଭୟଙ୍କର ଆକ୍ରମଣ

ଟ୍ରୁଥ ସୋସିଆଲ ପ୍ଲାଟଫର୍ମରେ ବାର୍ତ୍ତା ଦେଲେ ଟ୍ରମ୍ପ
ଖାର୍ଗ ଦ୍ୱୀପ ଓ ଅନ୍ୟାନ୍ୟ ତୈଳ-ଭିତ୍ତିଭୂମିକୁ ଦଖଲ କରିବ ଆମେରିକା
ହର୍ମୁଜ ପ୍ରଣାଳୀକୁ ବନ୍ଦ କରିବାକୁ ଘୋଷଣା କଲା ଇରାନ

**ନୂଆଦିଲ୍ଲୀ:** ଆମେରିକା ଇରାନ ଉପରେ ଆକ୍ରମଣ ସମ୍ପର୍କରେ ଏକ ପ୍ରମୁଖ ବିବୃତ୍ତି ଜାରି କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଗୁରୁବାର ରାତି, ଜୁନ ୧୧ରେ ଏକ ବଡ଼ ଆକ୍ରମଣ କରାଯିବ। ଟ୍ରମ୍ପ ଯୋଜନାବଦ୍ଧ ଆକ୍ରମଣର କିଛି ଘଣ୍ଟା ପୂର୍ବରୁ ଏହି ଧମକ ଦେଇଥିଲେ, ତାଙ୍କ ଟ୍ରୁଥ ସୋସିଆଲ ପ୍ଲାଟଫର୍ମରେ ଏହି ବାର୍ତ୍ତା ପୋଷ୍ଟ କରିଥିଲେ। ତାଙ୍କ ପୋଷ୍ଟରେ, ଟ୍ରମ୍ପ କହିଛନ୍ତି ଯେ ଆମେରିକା ଆଜି ରାତିରେ ଇରାନ ଉପରେ ଏକ ବଡ଼ ଆକ୍ରମଣ କରିବ। ସେ ଦାବି କରିଛନ୍ତି ଯେ ଇରାନର ନୌସେନା, ବାୟୁସେନା, ରାଡାର, ବିମାନ ପ୍ରତିରୋଧୀ ଏବଂ ପ୍ରତିରକ୍ଷା ପ୍ରଣାଳୀ, ଏବଂ ଏହାର ଅଧିକାଂଶ ଆକ୍ରମଣାତ୍ମକ କ୍ଷମତା ପୂର୍ବରୁ ନଷ୍ଟ ହୋଇସାରିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଭବିଷ୍ୟତରେ କୌଣସି ସମୟରେ, ସେମାନେ ଖାର୍ଗ ଦ୍ୱୀପ ଏବଂ ଅନ୍ୟାନ୍ୟ ତୈଳ-ସମ୍ବନ୍ଧୀୟ ଭିତ୍ତିଭୂମିକୁ ଦଖଲ କରିବେ, ଇରାନର ତୈଳ ଏବଂ ଗ୍ୟାସ ବଜାର ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହାସଲ କରିବେ – ଯାହା ଭେନେଜୁଏଲା ସହିତ ଗ୍ରହଣ କରାଯାଇଥିବା ଆଭିମୁଖ୍ୟ ପରି, ଯାହା ଭେନେଜୁଏଲା ଏବଂ ଆମେରିକା ଉଭୟ ପାଇଁ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ



ହୋଇଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ବିବୃତ୍ତି ବ୍ୟତୀତ, ପଶ୍ଚିମ ଏସିଆରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ଆମେରିକାର ବିମାନ ଆକ୍ରମଣର ଜବାବରେ, ଇରାନର ଏକ ବିବୃତ୍ତି ଜାରି କରି ଦାବି କରିଛି ଯେ ସେମାନେ କୁଏତ ଏବଂ ବାହାରିନରେ ଥିବା ପ୍ରମୁଖ ଆମେରିକା-ସଂଯୁକ୍ତ ସୁବିଧାଗୁଡ଼ିକୁ ଆଇଆରଜିସି ଟାର୍ଗେଟ କରିଛନ୍ତି। ଏହା ସହିତ, ଇରାନ ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଘୋଷଣା କରିଛି ଏବଂ ସମସ୍ତ ଜାହାଜକୁ ଏହି ଅଞ୍ଚଳରୁ ଦୂରେଇ ରହିବାକୁ ଚେତାବନୀ ଦେଇଛି। ଆଇଆରଜିସି କହିଛି ଯେ, ଏହାର ପ୍ରତିଶୋଧମୂଳକ ସାମରିକ କାର୍ଯ୍ୟାନୁଷ୍ଠାନର ଅଂଶ ସ୍ୱରୂପ, ଏହା କୁଏତର ଅଲି ଅଲ-ସାଲେମ ଏବଂ ଅହମଦ ଅଲ-ଜାବେର ବିମାନ ଘାଟି ଏବଂ ବାହାରିନର ଶେଖ ଇସା ବିମାନ ଘାଟି ସମେତ ମୋଟ ୧୮ଟି ପ୍ରମୁଖ ଆମେରିକୀୟ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରିଛି। ଇରାନୀ ସେନା ଅନୁଯାୟୀ, ଇରାନ ଭିତରେ ଆମେରିକା ଦ୍ୱାରା କରାଯାଇଥିବା ଆକ୍ରମଣର ଜବାବରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## ଦେବାଶିଷ ସାମନ୍ତରାୟ ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ



**ଭୁବନେଶ୍ୱର :** ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ଦେବାଶିଷ ସାମନ୍ତରାୟ। ରାଜ୍ୟସଭା ଉପନିର୍ବାଚନ ପାଇଁ ସେ ବିଜେପି ତରଫରୁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। କିନ୍ତୁ ସେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବାରୁ ଏହି ଉପନିର୍ବାଚନ ପାଇଁ ଆଉ ଭୋଟିଂର ଆବଶ୍ୟକତା ପଡ଼ିଲା ନାହିଁ। ଫଳରେ ସେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବା ନେଇ ଗୁରୁବାର ଘୋଷଣା କରାଯାଇଛି। ୨୦୨୪ ଏପ୍ରିଲରେ ବିଜେଡି ଟିକେଟରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଦେବାଶିଷ ସାମନ୍ତରାୟ। ତାଙ୍କ କାର୍ଯ୍ୟକାଳ ୨୦୩୦ ଏପ୍ରିଲ ୩ ତାରିଖରେ ଶେଷ ହୋଇଥା'ନ୍ତା। ତା' ପୂର୍ବରୁ ୨୦୨୬ ମେ' ୨୫ ତାରିଖରେ ସେ ବିଜେଡିରୁ ଇସ୍ତଫା ଦେବା ସହିତ ରାଜ୍ୟସଭା ସାଂସଦ ପଦ ମଧ୍ୟ ଛାଡ଼ି ଦେଇଥିଲେ। ମେ' ୨୬ରେ ସେ ବିଜେପିରେ ଯୋଗ ଦେଇଥିଲେ। ସେ ଇସ୍ତଫା ଦେବା ପରେ ଖାଲି ପଡ଼ିଥିବା ଆସନ ପାଇଁ ଉପନିର୍ବାଚନ କରାଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆଉ ଆଶା ମୁତାବକ ବିଜେପି ତାଙ୍କୁ ପ୍ରାର୍ଥୀ କରିଥିଲା।

## ଟ୍ରକ ଧକ୍କାରେ ଅଟୋରେ ଥିବା ବାପ ଓ ଝିଅଙ୍କ ମୃତ୍ୟୁ

**ସମ୍ବଲପୁର :** ଧନୁପାଲି ଥାନା ଅନ୍ତର୍ଗତ ଭତରା ଶଙ୍କର ମଠ ଝଙ୍କାର ବନ୍ଧ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସିରିଜ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ସିମେଣ୍ଟ ମିକ୍ସର ଟ୍ରକ୍(ଓଡି-୧୪-ଏଏଲ୍-୫୭୧୦) ପ୍ରଥମେ ଏକ ଇଭି ଅଟୋ(ଓଡି-୧୫-ଏବି-୨୨୩୨)କୁ ଧକ୍କା ଦେଇ ପରେ ଏକ କାର(ଓଆର-୦୨-ବିୟୁ-୩୬୧୧)କୁ ଧକ୍କା ଦେଇଥିଲା। ଫଳରେ କାରଟି ଏକ ଖାଲି ପଡ଼ିଯାଇଛି। କାରରେ କେହି ନଥିବାରୁ କାହାର କ୍ଷତି ହୋଇ ନାହିଁ। ମାତ୍ର ସୁରେନ୍ଦ୍ର(କାଳିଆ) ବେହେରା ନାମକ ଜଣେ ଅଟୋଚାଳକ ତାଙ୍କ ନାବାଳିକା ଝିଅ ଶୁଭଶ୍ରୀ ବେହେରାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ ବିଳମ୍ବିତ ରାତିରେ ଏକ ଇଭି ଅଟୋକୁ ଧନୁପାଲିର ଚାଳକ ସୁରେନ୍ଦ୍ର ନିଜେ ଚଳାଇ ତାଙ୍କ ଝିଅ ଶୁଭଶ୍ରୀଙ୍କୁ ସାଙ୍ଗରେ ନେଇ ଯାଉଥିଲେ। ଏହି ସମୟରେ ପଛପଟୁ ଦ୍ରୁତଗତିରେ ଆସି ଉକ୍ତ ସିମେଣ୍ଟ ମିକ୍ସର ଟ୍ରକ ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ଥିବା ପିତା ସୁରେନ୍ଦ୍ର ଓ ଝିଅ ଶୁଭଶ୍ରୀ ଗୁରୁତର ଆହତ ହୋଇଥିଲେ। ଦୁଘଟଣାସ୍ଥଳରେ ଥିବା ସାକ୍ଷୀ ଗୋପୀନାଥର ଭାଜପା ମଣ୍ଡଳ ସଭାପତି ବଳରାମ ମହାପାତ୍ର ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଫୋନ କରିବା ସହିତ ଗୁରୁତର ଆହତ ନାବାଳିକା ଶୁଭଶ୍ରୀଙ୍କୁ ନିଜ ବାଇକ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ୨ଟି ତଦନ୍ତ ରିପୋର୍ଟ ଗାଏବ ଘଟଣା

# ତଦନ୍ତ କରିବ ଏସଆଇଟି

ନେତୃତ୍ୱ ନେଲେ ପୋଲିସ କମିସନର
ଯୁଗ୍ମ ସଚିବଙ୍କୁ ପଚରାଉଚରା କଲା କ୍ୟାପିଟାଲ ଥାନା ପୋଲିସ




**ଭୁବନେଶ୍ୱର:** ୨ଟି ତଦନ୍ତ କମିସନ ରିପୋର୍ଟ ଗାଏବ ମାମଲାର ଆରମ୍ଭ ହେଲା ଘଣ୍ଟାଚକଟା । ଏହାକୁ କିଏ, କେମିତି ଓ କାହିଁକି ଗାଏବ କଲା, ତାର ହେବ ଏସ୍ଆଇଟି ତଦନ୍ତ । ନିଜେ ପୁଲିସ କମିସନର ଏହାର ନେତୃତ୍ୱ ନେଉଥିବା ବେଳେ ଆଜି ଗୃହ ବିଭାଗକୁ ଯାଇ ଏତଲାକାରୀ ଯୁଗ୍ମ ସଚିବଙ୍କୁ ପଚରାଉଚରା କରିଛି କ୍ୟାପିଟାଲ ଥାନା ପୁଲିସ । ଆଗକୁ ବି ପଡ଼ିପାରେ ବହୁ ଅଧିକାରୀଙ୍କ ପାଳି । ରାଜ୍ୟ ଶାସନର କେନ୍ଦ୍ରସ୍ଥଳ, ସବୁଠୁ କ୍ଷମତାଶାଳୀ.. ସବୁଠୁ ସୁରକ୍ଷିତ ସ୍ଥାନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ । ସେଠାରୁ ଦୁଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ, ବହୁଚର୍ଚ୍ଚିତ, ବହୁ ବିବାଦୀୟ ଘଟଣାର ତଦନ୍ତ କମିସନ ରିପୋର୍ଟ ଗାଏବ ହେଲା ତ, ହେଲା କେମିତି ? ଫାଇଲର ତ ଗୋଡ଼ ନାହିଁ । ତେଣୁ କିଏ ଚୋରାଇଲା ? କିଏ ଗାୟବ୍ କଲା ? ସେ କାର୍ପେଟଦାରଟି କିଏ ? କେସ୍ ନମ୍ବର ୪୬୦ ରୁଜୁ କରି, ମାମଲାର ଆମୂଳଚୁଳ ତଦନ୍ତ ଆରମ୍ଭ କରିଛି କମିସନରେଟ୍ ପୁଲିସ । ପୁଲିସ କମିସନରଙ୍କ ନେତୃତ୍ୱରେ ଜଣେ ଏସିପି ଓ ୨ ଆଇଆଇସିଙ୍କୁ ନେଇ ଗଠନ ହୋଇଛି ଏସ୍ଆଇଟି ବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ । ଆଉ ଇଏ ସେଇ ଖୋଳତାଡ଼, ସେଇ ଛାନଭିନର ପ୍ରାରମ୍ଭିକ ପର୍ଯ୍ୟାୟ । ଲୋକସେବା ଭବନର ଗୃହ ବିଭାଗରେ କ୍ୟାପିଟାଲ ଥାନା ପୁଲିସ । ଏତଲାକାରୀ ଗୃହ ବିଭାଗ ଯୁଗ୍ମ ସଚିବ ଶରତ ଚନ୍ଦ୍ର ମାରାଣ୍ଡିଙ୍କୁ ଅଧଘଣ୍ଟା କାଳ ପଚରାଉଚରା ସହ ବୟାନ ରେକର୍ଡ ହୋଇଛି । ୨୦୦୮ରେ ହୋଇଥିଲା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡ ଓ କନ୍ଧମାଳ ଦଙ୍ଗା ୨୦୧୬ରେ ସିଏମ୍ଓ ଯାଇଥିଲା ନାଇଡୁ କମିସନ୍ ରିପୋର୍ଟ । ୨୦୧୬ରେ ହୋଇଥିବା ଭୁବନେଶ୍ୱର ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାର ଆରଡିସି ତଦନ୍ତ ରିପୋର୍ଟ ୨୦୧୮ରେ ସିଏମ୍ଓକୁ ପଠାଯାଇଥିଲା । ୮-୧୦ ବର୍ଷ ତଳର ଏ ଫାଇଲ ହଜିବା ପରେ, ସେତେବେଳେ ଯେଉଁ ଯେଉଁ ଅଧିକାରୀ ଦାୟିତ୍ୱରେ ଥିଲେ ସମସ୍ତଙ୍କ ପାଳି ପଡ଼ିପାରେ । ଏକାଧିକ ବ୍ୟକ୍ତିଙ୍କୁ ପଚରାଉଚରା ପାଇଁ ସମନ୍ ଜାରି କରି କ୍ୟାପିଟାଲ ଥାନାକୁ ଘୋଷଡ଼ାଯିବ । ଯେଉଁଥିପାଇଁ ବଡ଼ବଡ଼ିଆଙ୍କ ଛାତିରେ ଛନକା ପଶିଛି । କାହିଁକି ନା ସିସିଟିଭି ଫୁଟେଜ ଓ କମ୍ପ୍ୟୁଟର ହାର୍ଡଡିସ୍କରୁ ଡିଜିଟାଲ୍ ପ୍ରମାଣ ସଂଗ୍ରହ ହେବ । ସରକାରୀ ନଥିପତ୍ର ଅଣ୍ଡାଳିବ ଏସ୍ଆଇଟି । ପ୍ରତିଦିନର ରିପୋର୍ଟ ପୁଲିସ କମିସନରଙ୍କୁ ଦିଆଯିବ । ପୁଲିସ କମିସନର କହିଛନ୍ତି- ଆପରାଧିକ ଷଡ଼ଯନ୍ତ୍ର ଓ ଗାୟବ୍ କରିଦେବା ଆଦି ଦଫାରେ ମାମଲା ହୋଇଛି । ରିପୋର୍ଟରେ କ'ଣ ଥିଲା ଏବଂ କାହାକୁ ଫାଇଦା ହୋଇପାରେ, ସେ ଦିଗ ବି ଖୋଜା ଚାଲିଛି ।

## ୩ ଦିନ ପରେ ଓଡିଶା ଛୁଇଁବ ଦକ୍ଷିଣ-ପଶ୍ଚିମ ମୌସୁମୀ

**ଭୁବନେଶ୍ୱର:** ଜୁନ୍ ୧୬ରୁ ବଦଳିବ ପାଗ । ଓଡିଶା ମୁହାଁ ହେବ ମୌସୁମୀ। ଆଉ ୩ ଦିନ ପରେ ଛୁଇଁବ ଦକ୍ଷିଣ-ପଶ୍ଚିମ ମୌସୁମୀ। ଅନ୍ୟପକ୍ଷରେ ୧୬ରୁ ୧୮ ଜୁନ୍ ଯାଏ କୌଣସି ୱାର୍ଣ୍ଣିଂ ନାହିଁ ।ଏହାରି ଭିତରେ କାଳବୈଶାଖୀ ଯିବ, ମୌସୁମୀ ଆସିବ। ଓଡିଶା ପାଇଁ ଗ୍ରୀନ୍ ସିଗନାଲ୍ ଦେଲେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି । ବର୍ତ୍ତମାନ ମୌସୁମୀ କର୍ଣ୍ଣାଟକ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ପାର୍ ହୋଇ ପଶ୍ଚିମବଙ୍ଗ ଓ ବିହାରର କିଛି ଅଂଶ ଛୁଇଁଛି। ଆଗାମୀ ୨ରୁ ୩ ଦିନରେ ମୌସୁମୀ ଆଗକୁ ବଢି ଓଡିଶା, ଛତିଶଗଡ, ଝାଡଖଣ୍ଡ ଓ ଉତ୍ତର ପ୍ରଦେଶର କିଛି ଅଂଶକୁ ଛୁଇଁବା ପାଇଁ ପରିସ୍ଥିତି ଅନୁକୂଳ ଅଛି। ମୌସୁମୀର ଉତ୍ତର ସୀମା ଏବେ କଳିଙ୍ଗପାଟନମ୍, ରାୟଗଡା ପର୍ଯ୍ୟନ୍ତ ଆସିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ୧୬ ଜୁନ୍ ରୁ ୧୮ ଜୁନ୍ ସକାଳ ଯାଏଁ ସାରା ଓଡିଶାରେ କୌଣସି ୱାର୍ଣ୍ଣିଂ ଦିଆଯାଇ ନାହିଁ । ଏହି ୩ ଦିନ କାଳବୈଶାଖୀ ଦୁର୍ବଳ ରହିବ। ଏହା ହିଁ ମୌସୁମୀ ପ୍ରବେଶର ସବୁଠୁ ବଡ଼ ସଙ୍କେତ। ୧୮ ଜୁନ୍ ପରେ ବି ସେପରି କୌଣସି ପରିବର୍ତ୍ତନ ହେବ ନାହିଁ। ଅର୍ଥାତ୍ ପାଗ ସ୍ଥିର ରହିବ, ଯାହା ମୌସୁମୀ ବର୍ଷା ପାଇଁ ରାସ୍ତା ଖୋଲିବ। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ସର୍ବୋଚ୍ଚ ତାପମାତ୍ରା ବଲାଙ୍ଗିରରେ ୪୧ ଡିଗ୍ରୀ, ସର୍ବନିମ୍ନ କୋରାପୁଟରେ ୨୦.୮ ଡିଗ୍ରୀ ରେକର୍ଡ କରାଯାଇଛି ।ସର୍ବାଧିକ ବର୍ଷା ସମ୍ବଲପୁର ରେଢ଼ାଖୋଲରେ ୨୯ ମିଲିମିଟର, ପଟାଙ୍ଗି ୨୮.୪, ନୀଳଗିରି ୨୫ ମିଲିମିଟର ରେକର୍ଡ କରାଯାଇଛି।



## ମାଗଣା ବସ୍‌ରେ ଯିବେ ନିଟ୍ ପରୀକ୍ଷାର୍ଥୀ

**ଭୁବନେଶ୍ୱର:** ବଡ଼ ଘୋଷଣା କଲେ ରାଜ୍ୟ ସରକାର। ମାଗଣା ବସ୍‌ରେ ଯିବେ ନିଟ୍ (ୟୁଜି) ପରୀକ୍ଷାର୍ଥୀ। ଏନେଇ ବାଣିଜ୍ୟ ଓ ପରିବହନ ବିଭାଗ ନିର୍ଦ୍ଦେଶ ଜାରି କରିଛି। ଆଡମିଟ୍ କାର୍ଡ ଦେଖାଇ ପରୀକ୍ଷାର୍ଥୀ ଓଏସଆରଟିସି ବସ୍‌ରେ ମାଗଣାରେ ଯାଇପାରିବେ । ପରୀକ୍ଷା କେନ୍ଦ୍ରରେ ସହଜରେ ପହଞ୍ଚିବା ପାଇଁ ମାଗଣା ବସ୍ ସେବା । ଆସନ୍ତା ୨୧ ତାରିଖରେ ନିଟ (ୟୁଜି) ପୁନଃପରୀକ୍ଷା ହେବ ।ରାଜ୍ୟର ୧୩୪ଟି ପରୀକ୍ଷା କେନ୍ଦ୍ରରେ ୫୬,୯୮୩ ଜଣ ପରୀକ୍ଷା ଦେବେ ଛାତ୍ରୀଛାତ୍ର। ଏହା ପୂର୍ବରୁ ପଞ୍ଜାବ ସରକାର ରାଜ୍ୟୋର ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ର ଏବଂ ସେମାନଙ୍କ ପିତାମାତା କିମ୍ବା ଅଭିଭାବକଙ୍କ ମଧ୍ୟରୁ ଜଣଙ୍କୁ ଜୁନ ୨୦ ରୁ ଜୁନ ୨୨ ପର୍ଯ୍ୟନ୍ତ ପଞ୍ଜାବ ରୋଡୱେଜ ସରକାରୀ ବସ୍‌ରେ ମାଗଣା ଯାତ୍ରା ଯୋଗାଇବାକୁ ନିଷ୍ପତ୍ତି ନେଇଥିଲେ । ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାରେ ଛାତ୍ରୀଛାତ୍ରମାନଙ୍କ ଅସୁବିଧାକୁ ହ୍ରାସ କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି।



## ୫୨ ଦିନରେ ରଥ ନିର୍ମାଣ

# ତିନିରଥର ତୃତୀୟ ଭୂଇଁ ଫ୍ରେମ୍ ନିର୍ମାଣ ଶେଷ

**ପୁରୀ :** ଗୁରୁବାର ରଥ ନିର୍ମାଣର ୫୨ତମ ଦିବସରେ ନିର୍ମାଣକାରୀ ସେବକ ମାନେ ରଥ ଖଳା ଠାରେ ମୁଖ୍ୟ ମହାରଣା ଙ୍କ ମାର୍ଗ ଦର୍ଶନ ପ୍ରକାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ବୁଧବାର ତିନିରଥର ୧୪ ନାହାକା ବୁଲିବା ପାଇଁ, ତିନିରଥର ଦାଣ୍ଡରେ ଖଦୀଓରା ବା ନଡ଼ିଆ ଗର ସେଟିଙ୍ଗ ଶେଷ ହେବାସହ ତିନିରଥ ଚାଳୀରେ ଦ୍ୱିତୀୟ ଭୂଇଁ ଫ୍ରେମ୍ ନିର୍ମାଣ ଶେଷ ହୋଇଥିଲା । ତିନିରଥ ରେ ଚଉଦ ନାହାକା ବୁଲିବା ସହ ତିନି ରଥରେ ସଂଯୋଗ ହେଲା ପ୍ରଥମ ଭୂଇଁ ଏବଂ ଦ୍ୱିତୀୟ ଭୂଇଁ । ଆଜି ପୂର୍ବାହ୍ନରେ ତିନି ରଥର ମୁଖ୍ୟ ମହାରଣାଙ୍କ ଉପସ୍ଥିତିରେ ସହଯୋଗି ମହାରଣା ଏବଂ ଭୋଇ ସେବକ ମାନେ ମିଶି ତିନି ରଥରେ ଚଉଦ ନାହାକା ଖମ୍ବୀ ଗୁଡିକୁ ପ୍ରତି ରଥର ଚାରି ନାହାକା ଠାରୁ ଅଢ଼େଇ ଫୁଟ ବ୍ୟବଧାନରେ ଚାରି ନାହାକା ଚାରି ପାର୍ଶ୍ୱରେ ବୁଲିବା ସହ ପ୍ରଥମ ଭୂଇଁ ଛ ' କାଠିରେ ପାଖୁଡ଼ା ସଂଯୋଗ ହୋଇ ପ୍ରଥମ ଭୂଇଁ ବା ମୂଳ ଭୂଇଁ ଫ୍ରେମ୍ ପଡ଼ିଅଛି । ଏଥି ସହ ଆଜି ଅପରାହ୍ନରେ ମହାରଣା ସେବକ ଏବଂ ଭୋଇ ସେବକଙ୍କ ସହଯୋଗରେ



ତୃତୀୟ ଭୂଇଁ ବିଭିନ୍ନ ଅଂଶର ନମ୍ବରିଙ୍ଗ କାର୍ଯ୍ୟ ମଧ୍ୟ ସରିଲା
ଭୂଇଁ ବିଡିଆ କଣ୍ଟା ନିର୍ମାଣ ସହ ପୋଟଳ କଣ୍ଟା ନିର୍ମାଣ ଜାରି

ତିନିରଥ ରେ ସଂଯୋଗ ହୋଇଛି ଦ୍ୱିତୀୟ ଭୂଇଁ ଫ୍ରେମ୍। ଏହି ୧୪ ନାହାକା ନିର୍ମାଣ କାରୀଙ୍କ ଭାଷାରେ ୧୦ ଟି ପନି[redacted] ଏବଂ ୪ ଟି ଚଢ଼େଇକୁ ନେଇ [redacted] ୧୦ ଟି ନାହାକା ବା ପନିକି ପ[redacted] ଫୁଟର ଅଷ୍ଟକୋଣି ହୋଇଥାଏ ଏବଂ ୪ ଟି ଚଢ଼େଇ ୨୦ ଫୁଟର ସାମାନ୍ୟ ଧନୁ ପରି [redacted] ରଥର ଗଠନ ଶୈଳୀ ସୁନ୍ଦର ଦିଶେ । ଏଥିସହ ଆଜି ରଥ ଚାଳିରେ ତିନିରଥ ମହାରଣା ସେବକ ଏବଂ ଭୋଇ ସେବକଙ୍କ ସହଯୋଗରେ ତିନିରଥର ତୃତୀୟ ଭୂଇଁ ବା ଅଗ ଭୂଇଁ ଫ୍ରେମ୍ ନିର୍ମାଣ ଶେଷ କରିଛନ୍ତି । ନିର୍ମାଣ ଶେଷ ପରେ ମହାରଣା ସେବକ ମାନେ ତୃତୀୟ ଭୂଇଁ ର ବିଭିନ୍ନ ଅଂଶ ଗୁଡ଼ିକର ନମ୍ବରିଙ୍ଗ କାର୍ଯ୍ୟ ମଧ୍ୟ ଶେଷ କରିଛନ୍ତି। ରୂପକାର ସେବକ ମାନେ ତିନିରଥର ୮ ଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ସହ ତିନିରଥର ଗୋଟିଏ ଗୋଟିଏ ଚାର ପରିଛାରେ ପଦ୍ମଫୁଲ , ପଦ୍ମକଢ଼ି ସହ ଡାଳି ଲତା ଚିତ୍ର ଖୋଦେଇ କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ପ୍ରଥମ ଭୂଇଁ ଏବଂ ଦ୍ୱିତୀୟ ଭୂଇଁ ବିଡିଆ କଣ୍ଟା ନିର୍ମାଣ ଶେଷ ପରେ ତୃତୀୟ ଭୂଇଁ ବିଡିଆ କଣ୍ଟା ନିର୍ମାଣ ସହ ପୋଟଳ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ପାହି ମହାରଣା ମାନେ [redacted]ବେଦୀ ଠାରେ ମହାପ୍ରଭୁଙ୍କ ଅଣସର [redacted] କାଠ [redacted]ଛନ୍ତି।

## ସମ୍ପାଦକୀୟ

# ବିକାଶ ପାଇଁ ବିଶ୍ୱସ୍ତରୀୟ ଶିକ୍ଷା

ମାନବ ଜୀବନର ବିକାଶ ପାଇଁ ଶିକ୍ଷା ଯେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ଏ କଥାରେ କିଛି ଦ୍ୱିରୁକ୍ତି ନାହିଁ। ଜୀବନର କୌଣସି ବି କ୍ଷେତ୍ରରେ ରହିଛି ଶିକ୍ଷାର ଆବଶ୍ୟକତା। ବିନା ଶିକ୍ଷାରେ କିଛି ବି ସମ୍ଭବ ନୁହେଁ। ଏ କଥା ବୁଝିବା ଅତି ସହଜ। ଯେ କେହି ବି ଏହି କଥାକୁ ଅତି ସହଜରେ ବୁଝିପାରିବେ, ଯେ କେହି ବି ଏହି କଥାକୁ ବିନା ଦ୍ୱିଧାରେ ହୃଦୟଙ୍ଗମ କରିପାରିବେ ଯେ ଜୀବନରେ ଉନ୍ନତି ପାଇଁ, ସମାଜରେ ଉନ୍ନତି ପାଇଁ ଶିକ୍ଷାର କେତେଦୂର ରହିଛି ଆବଶ୍ୟକତା। ବିନା ଆଲୋକରେ ଘର ଅବା ପରିବେଶ ଯେମିତି ଅନ୍ଧାର, ବିନା ଶିକ୍ଷାରେ ଜୀବନ ବି ସେମିତି ଅନ୍ଧାର। ସବୁରୀ କ୍ଷେତ୍ରରେ ଶିକ୍ଷାର ଯେଭଳି ଭାବେ ଆବଶ୍ୟକ ରହିଛି, ସେଭଳି ଆବଶ୍ୟକତାକୁ ପ୍ରତି ମୁହୂର୍ତ୍ତରେ ପ୍ରତ୍ୟକ ଅନୁଭବ କରନ୍ତି ହେଲେ ସମସ୍ତେ ଯେ ସେହି ଶିକ୍ଷାକୁ ସଠିକ୍ ଭାବେ ନିଜ ନିଜ ଜୀବନରେ ପ୍ରୟୋଗ କରନ୍ତି ଏବଂ ଏକ ସକାରାତ୍ମକ ଶିକ୍ଷାର ସୁଫଳ ପାଆନ୍ତି , ସେ ବିଷୟରେ ସବୁବେଳେ ନିଶ୍ଚିତରୂପେ କିଛି କହିବା ସମ୍ଭବ ନୁହେଁ। ଭାରତର ସ୍ୱାଧୀନତା ପୂର୍ବରୁ ଦେଶରେ ଶିକ୍ଷାର ମାନଦଣ୍ଡ ଯେଭଳି ଥିଲା, ଏବେ ସେଥିରେ ସୁଧାର ଆସିଛି ନିଶ୍ଚୟ। ହେଲେ ତଥାପି ଆଜି ବି ବହୁତ କମି ପରିଲକ୍ଷିତ ହେଉଛି। ଯାହା ପାଇଁ ଦେଶର ଶୈକ୍ଷିକ ବିକାଶ ଏବେ ବି ସେହି ସ୍ତରକୁ ଆସିନାହିଁ, ଯାହାକୁ ଆକ୍ଷରିକ ଅର୍ଥରେ ବାସ୍ତବ ଏବଂ ବିକଶିତ କହିପାରିବା। କୁଳପତିମାନଙ୍କର ଦୁଇଦିନିଆ ଏକ ସମ୍ମିଳନୀକୁ ଉଦ୍ଘାଟନ କରିବା ଅବସରରେ ରାଜ୍ୟପାଳ ତାଙ୍କର ଅଭିଭାଷଣରେ ସେହିଭଳି କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଉପସ୍ଥାପନ କରିଛନ୍ତି ଯାହା କି ଆଜିର ସମୟରେ ରାଜ୍ୟର ଅବା ଦେଶର ସମସ୍ତ ବୁଦ୍ଧିଜୀବୀଙ୍କୁ ଚିନ୍ତା କରିବାର ରହିଛି ଆବଶ୍ୟକତା ଯାହାକୁ କେବେ ବି ଅସ୍ୱୀକାର କରିହେବନି। ଭାରତର ସ୍ୱାଧୀନତା ପୂର୍ବରୁ ଆମ ଦେଶର ଶିକ୍ଷା ବ୍ୟବସ୍ଥା ସେତେ ଉନ୍ନତ ନଥିଲା। ଧୀରେ ଧୀରେ ଭାରତର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ହେଲା। ଦେଶରେ ସ୍କୁଲ୍ କଲେଜ, ଟେକ୍‌ନିକାଲ ଏକାଡେମୀ ଏବଂ ଆଇଟି ସେକ୍‌ଟର ଧୀରେ ଧୀରେ ବିକଶିତ ହେଲା। ଦେଶରେ ଶିକ୍ଷାନୁଷ୍ଠାନମାନ ଯେଭଳି ଭାବେ ବୃଦ୍ଧି ପାଇବାରେ ଲାଗିଲା, ତାହା ତ ସ୍ୱାଭାବିକ ବିଷୟ। କୌଣସି ବି ଜାତି ତା'ର ବିଭିନ୍ନ କ୍ଷେତ୍ରରେ ଆବଶ୍ୟକତାର ପରିପୂରଣ ପାଇଁ, କୌଣସି ବି ଜାତି ଅବା ଦେଶ ତା'ର ବିଭିନ୍ନ କ୍ଷେତ୍ରରେ ଜନମାନସର ପରିପୂର୍ତ୍ତି ପାଇଁ, ଜନଜୀବନର ଆବଶ୍ୟକତା ପରିପୂରଣ ପାଇଁ ବିଭିନ୍ନ ଉନ୍ନତିମୂଳକ ପଦକ୍ଷେପ ନେଇପାରେ। ବିଭିନ୍ନ ଗଠନମୂଳକ ପଦକ୍ଷେପ ନେଇପାରେ। ଯେଉଁଥିରେ ଶିକ୍ଷାନୁଷ୍ଠାନର ନିର୍ମାଣ ଏବଂ ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇପାରେ ଯାହା ଏକ ସାଧାରଣ କଥା। ଆମ ଦେଶ ଭାରତରେ ମଧ୍ୟ ସେହିଭଳି ହୋଇଛି। ଭାରତ ମଧ୍ୟ ସେହିଭଳି କିଛି ନୀତି ଅନୁସରଣ କରିଛି। ସ୍ୱାଧୀନତା ପରଠାରୁ ଦେଶ ବିଭିନ୍ନ କ୍ଷେତ୍ରରେ, ବିଭିନ୍ନ ସ୍ତରରେ ଅଗ୍ରଣୀ ଲାଭ କରିଛି । ତଥାପି ଏକ ବିକଶିତ ଭାରତ ନିର୍ମାଣର ସ୍ୱପ୍ନ ଆଜି ବି ଅଧୂରା ହୋଇ ରହିଛି। ଏକ ବିକଶିତ ଭାରତର ସ୍ୱପ୍ନ ଆଜି ବି ସେମିତି ସ୍ୱପ୍ନ ହୋଇ ରହିଛି ଯାହାକୁ ବାସ୍ତବରେ ପରିଣତ କରିବା ପାଇଁ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ତାଙ୍କ ଦୂରଦର୍ଶୀତାର ଉପଯୋଗ କରି ଦେଶକୁ ବିକାଶ ପଥରେ ଆଗେଇନେବା ପାଇଁ ସବୁପ୍ରକାର ଉଦ୍ୟମ ଜାରି ରଖିଛନ୍ତି। ତଥାପି କିଛି କମି ରହିଯାଉଛି। ସମ୍ଭବତଃ ଆମ ଦେଶର ଶିକ୍ଷା ବ୍ୟବସ୍ଥା ଏବେ ବି ଚାହୁଁଛି କିଛି ପରିବର୍ତ୍ତନ। ମୋଦିଜୀ ତାଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ବିଭିନ୍ନ ସମୟରେ ସେମିତି କିଛି ଯୌକ୍ତିକ ତଥ୍ୟ ଉପସ୍ଥାପନ କରନ୍ତି , ଯାହାର କାର୍ଯ୍ୟକାରୀତା ଭାରତର ବିକାଶରେ ସହାୟକ ହୋଇପାରିବ। ତେବେ ଭାରତରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଅତି ଜରୁରୀ। ବିଶେଷକରି ଭାରତର ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଏବେ ବି ସେମିତି ଉନ୍ନତ ତଥା ପରିମାର୍ଜିତ ଶିକ୍ଷା ପ୍ରଦାନ କରୁନାହାଁନ୍ତି, ଯାହାକୁ ଆମେ କହିପାରିବା ବିଶ୍ୱସ୍ତରୀୟ। ରାଜ୍ୟପାଳ ମଧ୍ୟ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କୁ ଉପଦେଶ ଛଳରେ ରାଜ୍ୟରେ ଅବା ଦେଶରେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ଯାହା ମାଧ୍ୟମରେ ଶିକ୍ଷାର୍ଥୀ ଏକ ଗଠନମୂଳକ ଏବଂ ସୃଜନମୂଳକ ଶିକ୍ଷା ପଦ୍ଧତିକୁ ଆପଣେଇ ପାରିବେ। ଏକାଡେମିକାଲୀ ଏବଂ ଟେକ୍‌ନିକାଲୀ ମଧ୍ୟ ବିଦ୍ୟାର୍ଥୀ ନିଜକୁ ଶିକ୍ଷା କ୍ଷେତ୍ରରେ ସ୍ୱୟଂସମ୍ପୂର୍ଣ୍ଣ କରିପାରିବେ ଯାହାକି ସେମାନଙ୍କ ବିଶ୍ୱସ୍ତରୀୟ ପ୍ରତିଭା ବିକାଶରେ ସହାୟକ ହୋଇପାରିବ। ଯାହାଦ୍ୱାରା ଏକ ଆତ୍ମନିର୍ଭର ଭାରତ ଗଠନ ମଧ୍ୟ ସମ୍ଭବ ହୋଇପାରିବ।

## ଯାତ୍ରାପଥ

ଯୁବକଙ୍କ ଯାତ୍ରା ପଥରେ କିଛି ବିପଦର ଆଶଙ୍କା ରହିଥିଲା। ଏଣୁ ସେଥିନେଇ ଯୁବକଙ୍କ ଗୁରୁ ବହୁତ ଚିନ୍ତିତ ଥିଲେ। ଯେହେତୁ ଯୁବକ ଜଣଙ୍କ କୌଣସି ଏକ ଆଶ୍ରମରେ ରହୁଥିଲେ, ସେଣୁ ସେ ଆଶ୍ରମରୁ ବାହାରିଯିବା ପୂର୍ବରୁ ତାଙ୍କ୍ ଗୁରୁଙ୍କ୍ ପରାମର୍ଶ ନେବାକୁ ଭୁଲିନଥିଲେ। ଗୁରୁଜୀ ସେହି ଯୁବକଙ୍କୁ ତାଙ୍କ୍ ସାଙ୍ଗରେ ଆଉ ଜଣେ ସାଧାରଣ ଯୁବକଙ୍କୁ ସାଙ୍ଗରେ ନେବାକୁ ପରାମର୍ଶ ଦେଇଥିଲେ ଯାହାକୁ ସହଜରେ ଗ୍ରହଣ କରି ପାରିନଥିଲେ ଯୁବକ। ଯେହେତୁ ଯୁବକ ଜଣଙ୍କ ଥିଲେ ଅତି ଦୁର୍ବଳ ମାନେ ତାଙ୍କ୍ ଶରୀର ଥିଲା ଦୁର୍ବଳ। ସେଣୁ ସାହସୀ ଯୁବକ ଜଣଙ୍କ ତାଙ୍କୁ ନିଜ ସାଙ୍ଗରେ କିଛି ନେବାକୁ ନେଇ କିଛି କହିପାରିନଥିଲେ। ତଥାପି ଗୁରୁଙ୍କ ଆଦେଶ ଉପରେ ଯୁବକ ଜଣଙ୍କ୍ କିଛି କହିପାରିନଥିଲେ କି କିଛି ପ୍ରତିବାଦ କରି ପାରି ନଥିଲେ। ମନ କଥା ମନରେ ମାରି ଯୁବକ ଜଣଙ୍କ ଗୁରୁଙ୍କ କଥାକୁ ନୀରବରେ ମାନିନେଇଥିଲେ। ପରେ ଦୁଇ ଜଣ ମିଶି ସେହି ଯାତ୍ରାରେ ବାହାରି ଗଲେ। ତେବେ ବାଟରେ ଯାଉ ଯାଉ ସେମାନେ ଗୋଟାଏ ପାନ୍ଥଶାଳାରେ ଅଟକିଗଲେ। ସାମୟିକ ବିଶ୍ରାମ ନେଇ ସେମାନେ ଆଗକୁ ବାହାରିଯିବାର ଥିଲା କିନ୍ତୁ ସେହି ପାନ୍ଥଶାଳାରେ ହିଁ ଘଟିଗଲା ବହୁତ ବଡ଼ ଦୁର୍ଘଟଣା। ଅବଶ୍ୟ ଅଳ୍ପକେ ବର୍ତ୍ତିଯାଇଥିଲେ ସେଦିନ। ଯେହେତୁ ସେହି ଯୁବକଙ୍କ ଉପରେ ସେହି ପାନ୍ଥଶାଳାରେ କିଛି ଆକ୍ରମଣର ଆଶଙ୍କା ରହିଥିଲା। ସେମାନେ ବାହାରିଯିବା ପୂର୍ବରୁ କେତେକ ବଦମାସ ପ୍ରକୃତିର ମଣିଷ ସେହି ଯୁବକ ଉପରେ ଆକ୍ରମଣ କରିବାର ଯୋଜନା ନେଇ ଆଗେଇ ଆସୁଥିବାର ଦେଖି ସାହସୀ ଯୁବକ କିନ୍ତୁ କିଛି ବି ଜାଣିପାରି ନଥିଲା କିନ୍ତୁ ତା' ସାଙ୍ଗରେ ଥିବା ସେହି ଦୁର୍ବଳ ଯୁବକ ଜଣଙ୍କ୍ କିନ୍ତୁ ପାନ୍ଥଶାଳା ଆଡ଼କୁ ମାଡ଼ି ଆସୁଥିବା ଯୁବକ ମାନଙ୍କ ହାବଭାବକୁ ଅନୁଭବ କରି, ତା'ର ପୂର୍ବାନୁମାନ କରି ସେଠାରୁ ପଳାୟନ କରିବାର ସୁଯୋଗ ଉଣ୍ଡି ସେଠାରୁ ଖସିଯିବାର ବାଟ ବାହାର କଲେ ଏବଂ ସେଠାରୁ ପଳାୟନ କରିବାରେ ସଫଳ ହେଲେ। ବୀର ତଥା ସାହସୀ ଯୁବକ ଜଣଙ୍କ ତାଙ୍କ ଯାତ୍ରା ପଥରେ ଆଉ ଆଗକୁ ନ ଯାଇ ଧୀରେ ଧୀରେ ପଛକୁ ଫେରିବାରେ ଲାଗିଲେ। ପରେ ସେହି ଦୁଇଜଣ ଯାଇ ଶେଷରେ ପହଞ୍ଚଗଲେ ସେହି ସାଧୁଙ୍କ ଆଶ୍ରମରେ ଯେଉଁ ସାଧୁଙ୍କ ଆଶ୍ରମରୁ ସେମାନେ ବାହାରିଥିଲେ, ସେହି ଆଶ୍ରମରେ ଗୁରୁଜୀ ତାଙ୍କ୍ ଯାତ୍ରା ସମ୍ବନ୍ଧରେ ପଚାରିବାରୁ ଯୁବକ ଜଣଙ୍କ ତାଙ୍କ୍ର ବିଫଳତାର କଥା ବଖାଣି ଦୁଃଖ କରିବାରୁ ଗୁରୁଜୀଙ୍କ ମତରେ କାହା ସହିତ ହାରି ଯିବାରେ ବିଫଳତା ନଥାଏ, ବରଂ ଆଗାମୀ ସମୟରେ ଜିତିବାର ପଥ ପରିଷ୍କାର କରିବାଟା ହେଉଛି ଅସଲ କଥା। କେବେ କେବେ ଦୁର୍ବଳ ଲୋକର ବୁଦ୍ଧିବଳ ମଧ୍ୟ କାମରେ ଲାଗେ ଯାହା ବାହୁବଳରେ ନଥାଏ। ତାହା ହେଉଛି ପ୍ରକୃତ କଥା।

# ଜଗନ୍ନାଥ ସଂସ୍କୃତିରେ ପଞ୍ଚତୀର୍ଥ ମାହାତ୍ମ୍ୟ



**ଉମାଶଙ୍କର ପ୍ରସାଦ**

ଜଗନ୍ନାଥ ସଂସ୍କୃତିରେ ଲୀଳାମୟ ପ୍ରଭୁ ଜଗନ୍ନାଥଙ୍କର ବାରମାସରେ ତେରଯାତ୍ରା ବିଶ୍ୱପ୍ରସିଦ୍ଧ। ପ୍ରତ୍ୟେକ ଯାତ୍ରା ଶାସ୍ତ୍ରୀୟ ବିଧି ବିଧାନ ଅନୁସାରେ ସଂପାଦିତ ହୋଇ ଜଗତର କଲ୍ୟାଣ ସାଧିତ ହୋଇଥାଏ। କୋଟି କୈବଲ୍ୟର ନାଥ ଦାରୁ ବ୍ରହ୍ମ ଜଗନ୍ନାଥଙ୍କର ଦ୍ୱାଦଶଯାତ୍ରା ବିଶ୍ୱବିଦିତ। ଏହି ଯାତ୍ରାମାନଙ୍କ ମଧ୍ୟରେ ସ୍ନାନଯାତ୍ରା ପ୍ରଥମ। ଏହି ସ୍ନାନଯାତ୍ରାର ବିଭିନ୍ନ ବିଧି ବିଧାନ ପ୍ରସଙ୍ଗରେ ସ୍କନ୍ଦ ପୁରାଣରେ ବର୍ଣ୍ଣନା କରାଯାଇଛି। ସ୍ନାନଯାତ୍ରା ପୂର୍ବରୁ ପ୍ରଥମେ ଜ୍ୟେଷ୍ଠଶୁକ୍ଳ ଦଶମୀ ଦିନ ପଂଚତୀର୍ଥରେ ସ୍ନାନ ଆଚରଣକରି ପ୍ରଥମେ 'ମାର୍କଣ୍ଡେୟ'ରେ ସ୍ନାନ କରି ଭଗବାନ ଶିବଙ୍କୁ ପାର୍ଥନା କରିବେ। ମାର୍କଣ୍ଡେୟ ଙ୍କୁ ପ୍ରଣାମ କରି କହିବେ ହେ ପ୍ରଭୁ ମୁଁ ଭବସାଗରରେ ପଡି ସର୍ବଦା ହନ୍ତ ସନ୍ତ ହେଉଛି। ମୋତେ ଆପଣ ରକ୍ଷା କରନ୍ତୁ। ତାପରେ ଜଳ ବାହାରକୁ ଆସି ବସ୍ତ୍ର ପ୍ରକ୍ଷାଳନ କରି ଶ୍ରୀ ଶଙ୍କର ମନ୍ଦିରରେ ପ୍ରବେଶ କରି ବୃଷଭଙ୍କୁ ପୂଜାର୍ଚ୍ଚନା କରିବେ। ଏହିପରି ଭଗବାନ୍ ଶଙ୍କର ଓ ତାଙ୍କ ବାହାନ ବୃଷଭଙ୍କୁ ପୂଜା କରିବା ପରେ ମାର୍କଣ୍ଡେୟର ଦକ୍ଷିଣରେ ବିରାଜମାନ 'କଳ୍ପବଟ' ନିକଟକୁ ଯିବ ଯାହା ହେଉଛି ପ୍ରଭୂ ବିଷ୍ଣୁଙ୍କର ବିଗ୍ରହ। ମନରେ 'କଳ୍ପବଟକୁ'ନାରାୟଣଙ୍କ ଶରୀର ବୋଲି ଭାବି ପ୍ରଦକ୍ଷିଣ କରିବା ସହ ପୂଜା କରିବ। ଏଭଳି କଲେ କିମ୍ବଦନ୍ତୀ ଅନୁସାରେ ଏହାର ଛାୟା ସ୍ପର୍ଶ କଲେ ସମସ୍ତ ପାପରୁ ମାନବ ମୁକ୍ତ ହୋଇଥାଏ।

ଏହି କଳ୍ପବଟର ଛାୟା ସଂସ୍ପର୍ଶରେ ଆସିବାପରେ ତାର ମୂଳରେ ବିରାଜମାନ ନାରାୟଣଙ୍କର ବାହନ ଗରୁଡଙ୍କୁ ଦର୍ଶନକରି ଯୋଡ ହସ୍ତରେ ପ୍ରଣାମ କରିବ। କଥିତ ଅଛି ଗରୁଡ ଙ୍କୁ ପୂଜାକଲେ ସମସ୍ତ ପାପର ବିନାଶ ହୋଇଥାଏ। ତା ପରେ ମହାପ୍ରଭୂଙ୍କ ଦର୍ଶନ ଓ ପ୍ରଦକ୍ଷିଣ କରି ପୂଜା କଲେ ଏହି ବିଷୟ ବାସନା ପୂର୍ଣ୍ଣସଂସାରରୁ ଉଦ୍ଧାର ମିଳିଥାଏ। ଏହି ପ୍ରାର୍ଥନା କ୍ରମରେ ପ୍ରଥମେ ଅନାଥର ନାଥ ପ୍ରଭୁଶ୍ରୀଜଗନ୍ନାଥ, ତାପରେ ଲାଙ୍ଗଳଧ୍ୱଜ ଶ୍ରୀ ବଳଭଦ୍ର ତାପରେ ବିଶ୍ୱବ୍ରହ୍ମାଣ୍ଡର ମୂଳକାରଣ ଯୋଗମାୟା ସୁଭଦ୍ରାଙ୍କୁ ପ୍ରାର୍ଥନା କରିବ। ଏହା ପରେ ସମୁଦ୍ର ସ୍ନାହାନ କରିବାକୁ ଯିବ ଏବଂ ମହୋଦଧିଙ୍କୁ ପ୍ରଣାମ କରି ସୁସ୍ଥିର ଚିତରେ ଉଗ୍ରସେନଙ୍କୁ ପ୍ରାର୍ଥନା କରି ତାଙ୍କଠାରୁ ଆଜ୍ଞାନେଇ ପ୍ରଭୁ ନାରାୟଣଙ୍କୁ ଚିନ୍ତନ କରି ସମୁଦ୍ରରେ ସ୍ନାନ କରିବା ପାଇଁତାଙ୍କର ଅନୁମତି ଭିକ୍ଷା କରିବ। ଏହାପରେ ଅନ୍ୟତମ ତୀର୍ଥ ସ୍ୱର୍ଗଦ୍ୱାର ନିକଟକୁ ଯାଇ ସେଠାରେ ଉଭୟ ତୀର୍ଥରାଜ ଓ ଉଗ୍ରସେନଙ୍କୁ ପ୍ରାର୍ଥନା କରିବ। ଏହାପରେ ସେହି ମହୋଦଧି ନିକଟରେ ଶାସ୍ତ୍ରସମ୍ମତ ମଣ୍ଡଳ ଆଙ୍କି ତାହାକୁ ମନ୍ତ୍ର ପାଠ ପୂର୍ବକ ଅଭିମନ୍ତ୍ରିତ କରି ଅଙ୍ଗନ୍ୟାସ, କରନ୍ୟାସ ଆଦି କାର୍ଯ୍ୟ ସଂପାଦନ କରି ସମସ୍ତ ଦେବଙ୍କୁ ଆବାହନ କରିବ ଏବଂ ନିଜର ରକ୍ଷା ପାଇଁ ପ୍ରାର୍ଥନା କରିବ। ତାପରେ କୋଟିସୂର୍ଯ୍ୟ ସମପ୍ରଭ ଚକ୍ରରାଜ ସୁଦର୍ଶନଙ୍କୁ ପୂଜାକରି ପୁନଶ୍ଚ ତୀର୍ଥରାଜ ମହୋଦଧିଙ୍କୁ ଭକ୍ତି ନୈବେଦ୍ୟ ପ୍ରଦାନ ପୂର୍ବକ କହିବେ ହେ, ତୀର୍ଥରାଜ ଆପଣହିଁ ଜଳରୂପୀ ଜନାର୍ଦ୍ଦନ। ବିଶ୍ୱର ଆଦିମ ସୃଷ୍ଟି। ତୁମ୍ଭର ଦେହ ସୁଧାସମ। ତୁମ୍ଭ ଜଳରେ ପ୍ରବେଶ ପାଇଁ ଅନୁମତି ଦିଅ। ଏହାପରେ ତୀର୍ଥରାଜଙ୍କ ଜଳରେ ପ୍ରବଶେ କରି ତାଙ୍କୁ ଆବାହନ କରି ଅଘମର୍ଷଣ ସୁକ୍ତ ଗାନ କରିବ।

ସମୁଦ୍ର ତୀରରେ ମୌନ ଆଚରଣ ପୂର୍ବକ ଧବଳବସନ ପରିଧାନ କରି ଉତରୀୟ ଧାରଣ ପୂର୍ବକ ଶିରରେ ଶଙ୍ଖାକୃତି ତିଳକ ପରିଧାନ କରିବ। ଏହାପରେ ୧୦୮ ଥର ପ୍ରଭୁଙ୍କର ମୂଳମନ୍ତ୍ର 'ଓଁ କ୍ଲୀଂ କୃଷ୍ଣାୟ ଗୋବିନ୍ଦାୟ ଗୋପୀଜନ ବଲ୍ଲଭାୟ ସ୍ୱାହାନ୍ତ। କଥିଛ୍ଛ ଅଛି ସିନ୍ଧୁ ସ୍ନାନ ଫଳରେ ଅନେକ ପୁଣ୍ୟ ଅର୍ଜିତ ହୋଇଥାଏ ଏବଂ ଜନ୍ମ ଜନ୍ମାନ୍ତର ପାପକ୍ଷୟ ହୋଇଥାଏ। ଏହି ସିନ୍ଧୁ ସ୍ନାନ କରିବା ପାଇଁ ଦେବତାମାନେ ମର୍ତ୍ତ୍ୟକୁ ଓହ୍ଲାଇ ଆସନ୍ତି। ଏ ସମୁଦ୍ର ହିଁ ସ୍ୱୟଂ ନାରାୟଣ। ପଂଚତୀର୍ଥର ମାହାତ୍ମ୍ୟ ସହିତ ତୀର୍ଥରାଜ ଜଳନିଧିରେ ସ୍ନାନ କରିବାର ସୁଫଳ ବିଷୟ ସ୍କନ୍ଦ ପୁରାଣରେ ଅତି ସୁନ୍ଦର ଭାବରେ ବର୍ଣ୍ଣିତ କରାଯାଇଛି।

**ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା**
**(୬୩୭୦୬ ୭୫୫୬୨)**

# ଶିଷ୍ଟାଚାର ହେଉଛି ପାରିବାରିକ ଆଦର୍ଶ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଶିଷ୍ଟାଚାର ହେଉଛି ପରିବାରର ନିୟମ ଯାହା ବ୍ୟକ୍ତିର ଚରିତ୍ର, ଆଚରଣ ଏବଂ ବ୍ୟକ୍ତିତ୍ୱକୁ ଗଢ଼ି ତୋଳିଥାଏ। ପରିବାର ହେଉଛି ଜଣେ ବ୍ୟକ୍ତିଙ୍କର ପ୍ରଥମ ଶିକ୍ଷାନୁଷ୍ଠାନ। ଏଠାରେ ହିଁ ଜଣେ ଭଲ ଏବଂ ମନ୍ଦ, ନୈତିକତା, କର୍ତ୍ତବ୍ୟ ଏବଂ ଅଧିକାର ଏବଂ ସାମାଜିକ ମୂଲ୍ୟବୋଧ ବିଷୟରେ ଶିଖେ। ଶିଷ୍ଟାଚାର ହେଉଛି ଏକ ସୁନ୍ଦର, ସଂଗଠିତ ଏବଂ ଭଲ ପରିବାରର ମୌଳିକ ଭିତ୍ତିଭୂମି। ଶିଷ୍ଟାଚାର ବିନା ଏକ ପରିବାରରେ ଶାନ୍ତି, ସମ୍ମାନ, ପ୍ରେମ ଏବଂ ସହଯୋଗର ପରିବେଶ ସୃଷ୍ଟି ହୋଇପାରିବ ନାହିଁ। ଶିଷ୍ଟାଚାର କେବଳ ବାହ୍ୟ ଆଚରଣ ନୁହେଁ, ଏହା ଜଣେ ବ୍ୟକ୍ତିଙ୍କ ଆଭ୍ୟନ୍ତରୀଣ ସଂସ୍କୃତି, ଶିଷ୍ଟାଚାର, ଦୟା ଏବଂ ମାନବିକତାର ପ୍ରକାଶ। ଯଦି ପରିବାରର ପ୍ରତ୍ୟେକ ସଦସ୍ୟ ଶିଷ୍ଟାଚାର ପାଳନ କରନ୍ତି ତେବେ ସେହି ପରିବାର ଏକ ଆଦର୍ଶ ପରିବାର ହୋଇଯାଏ। ଶିଷ୍ଟାଚାର ଶବ୍ଦଟି 'ଶିଷ୍ଟ' ଏବଂ 'ଆଚାର' ଦୁଇଟି ଶବ୍ଦରୁ ଉତ୍ପନ୍ନ ହୋଇଛି। ଶିଷ୍ଟ ଅର୍ଥ ହେଉଛି ଏକ ନମ୍ର, ସଭ୍ୟ ଏବଂ ସଂସ୍କୃତିସମ୍ପନ୍ନ ବ୍ୟକ୍ତି ଏବଂ ଆଚାର ଅର୍ଥ ହେଉଛି ଆଚରଣ। ତେଣୁ ଶିଷ୍ଟାଚାର ଅର୍ଥ ହେଉଛି ନମ୍ର ଏବଂ ସୌଜନ୍ୟପୂର୍ଣ୍ଣ ଆଚରଣ। ଶିଷ୍ଟାଚାରରେ ବଡ଼ମାନଙ୍କୁ ସମ୍ମାନ କରିବା, ସାନମାନଙ୍କୁ ପ୍ରେମ କରିବା, ଦୟାପୂର୍ଣ୍ଣ କଥା କହିବା, ଅନ୍ୟମାନଙ୍କ ଭାବନାକୁ ସମ୍ମାନ କରିବା, ସହଯୋଗ କରିବା ଏବଂ ନିଜ କର୍ତ୍ତବ୍ୟ ପାଳନ କରିବା ଅନ୍ତର୍ଭୁକ୍ତ। ଶିଷ୍ଟାଚାର ଜଣେ ବ୍ୟକ୍ତିଙ୍କୁ ମହାନ କରିଥାଏ। ଧନ, ସମ୍ପତ୍ତି କିମ୍ବା ଉଚ୍ଚ ପଦବୀ ଦ୍ୱାରା ସମ୍ମାନ ଅର୍ଜନ ହୁଏ ନାହିଁ, ବରଂ ସେମାନଙ୍କର ଭଲ ଆଚରଣ ଏବଂ ଆଚରଣ ହିଁ ସେମାନଙ୍କୁ ସମାଜରେ ପ୍ରେମ ଏବଂ ସମ୍ମାନ କରିଥାଏ। ପରିବାର ହେଉଛି ସମାଜର ସବୁଠାରୁ ଛୋଟ ଏକକ। ପରିବାରରେ ପିଲା ଜୀବନର ପ୍ରଥମ ଶିକ୍ଷା ଶିଖେ। ପିତାମାତା, ଜେଜେବାପା, ଭାଇଭଉଣୀ ଏବଂ ପରିବାରର ଅନ୍ୟାନ୍ୟ ସଦସ୍ୟଙ୍କ ଆଚରଣ ପିଲା ଉପରେ ଗଭୀର ପ୍ରଭାବ ପକାଇଥାଏ। ଯେଉଁ ପରିବାରରେ ଶିଷ୍ଟାଚାର ପ୍ରଚଳିତ ହୁଏ, ସମସ୍ତେ ପରସ୍ପରକୁ ସମ୍ମାନ କରନ୍ତି, ଭଲ ପାଆନ୍ତି ଏବଂ ସହଯୋଗ କରନ୍ତି। ଏପରି ପରିବାର ସର୍ବଦା ଶାନ୍ତି ଏବଂ ସୁଖ ଅନୁଭବ କରେ।

ଶିଷ୍ଟାଚାର ଅଭାବ ଥିବା ପରିବାରଗୁଡ଼ିକ ଝଗଡା, ଅଶାନ୍ତି, ଅବିଶ୍ୱାସ ଏବଂ ଦ୍ୱନ୍ଦ୍ୱର ସମ୍ମୁଖୀନ ହୁଅନ୍ତି। ତେଣୁ ଏକ ସୁସ୍ଥ ପାରିବାରିକ ପରିବେଶ ପାଇଁ ଶିଷ୍ଟ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ସଂସ୍କୃତି ବୟସ୍କମାନଙ୍କୁ ସମ୍ମାନ କରିବା ଉପରେ ବିଶେଷ ଗୁରୁତ୍ୱ ଦିଏ। ପିତାମାତା, ଶିକ୍ଷକ ଏବଂ ବୟସ୍କମାନଙ୍କୁ ସମ୍ମାନ କରିବା ଶିଷ୍ଟାଚାର ଏକ ପ୍ରମୁଖ ଲକ୍ଷଣ। ଯେତେବେଳେ ପରିବାରର ଛୋଟ ସଦସ୍ୟମାନେ ବୟସ୍କମାନଙ୍କୁ ସମ୍ମାନ କରନ୍ତି ସେତେବେଳେ ଭଲ ସମ୍ପର୍କ ଏବଂ ଶୃଙ୍ଖଳା ବଜାୟ ରଖାଯାଏ। ଭଦ୍ରତା କେବଳ ବୟସ୍କମାନଙ୍କୁ ସମ୍ମାନ କରିବା ପର୍ଯ୍ୟନ୍ତ ସୀମିତ ନୁହେଁ। ବୟସ୍କମାନେ ମଧ୍ୟ ଛୋଟମାନଙ୍କ ପ୍ରତି ସ୍ନେହ, ପ୍ରେମ ଏବଂ କରୁଣା ଦେଖାଇବା ଉଚିତ। ଏହା ପରିବାର ମଧ୍ୟରେ ପ୍ରେମ ଏବଂ ବିଶ୍ୱାସକୁ ବୃଦ୍ଧି କରେ। କୋମଳ ଶବ୍ଦ ଜଣେ ବ୍ୟକ୍ତିଙ୍କ ହୃଦୟକୁ ଜିତିପାରେ। ଭଦ୍ର ଭାଷା ଏବଂ ଆଚରଣ ପରିବାରରେ ଖୁସି ଏବଂ ଶାନ୍ତି ଆଣିଥାଏ। କଠୋର କଥା କିମ୍ବା ଅଭଦ୍ର ଆଚରଣ ଅଶାନ୍ତି ସୃଷ୍ଟି କରେ। ଏକ ଆଦର୍ଶ ପରିବାରର ଏକ ପ୍ରମୁଖ ଗୁଣ ହେଉଛି ପାରସ୍ପରିକ ସହଯୋଗ। ପ୍ରତ୍ୟେକେ ଘରର କାମ, ସମସ୍ୟା କିମ୍ବା ଆବଶ୍ୟକତାରେ ପରସ୍ପରକୁ ସାହାଯ୍ୟ କରିବା ଉଚିତ। ଏହା ଶିଷ୍ଟାଚାରର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ପରିବାରର ପ୍ରତ୍ୟେକ ସଦସ୍ୟଙ୍କର ଏକ କର୍ତ୍ତବ୍ୟ ଅଛି। ପିତାମାତା ସେମାନଙ୍କ ପିଲାମାନଙ୍କର ଯତ୍ନ ନିଅନ୍ତି ଏବଂ ପିଲାମାନେ ସେମାନଙ୍କ ପିତାମାତାଙ୍କ କଥା ମାନି ଚାଲନ୍ତି। ଯଦି ସମସ୍ତେ ସଙ୍କୋଟତାର ସହିତ ସେମାନଙ୍କର କର୍ତ୍ତବ୍ୟ ପାଳନ କରନ୍ତି ତେବେ ପରିବାର ଏକ ଉଦାହରଣ ସୃଷ୍ଟି କରିପାରିବ। ପିଲାମାନେ ପରିବାରର ଭବିଷ୍ୟତ। ସେମାନେ ଯାହା ଦେଖନ୍ତି ଏବଂ ଶିଖନ୍ତି ତାହା ନିଜ ଜୀବନରେ ପ୍ରୟୋଗ କରନ୍ତି। ଯଦି ପରିବାରରେ ଶିଷ୍ଟାଚାରର ପରିବେଶ ଥାଏ ତେବେ ପିଲାମାନେ ମଧ୍ୟ ଭଦ୍ର, ଶୃଙ୍ଖଳିତ ଏବଂ ଦାୟିତ୍ୱବାନ ହୋଇ ବଡ଼ ହୁଅନ୍ତି।

ଏହି ଯୁଗରେ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ବିକାଶ ସହିତ ଲୋକଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି। ମିଳିତ ପରିବାରର ତଥା ଯୌଥ ପରିବାର ସ୍ଥାନରେ ଏକାକୀ ରହିବା ବର୍ତ୍ତମାନ ଆରମ୍ଭ ହୋଇଛି। ମୋବାଇଲ୍ ଫୋନ୍, ଇଣ୍ଟରନେଟ୍ ଏବଂ ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ଯୋଗୁଁ ପରିବାରର ସଦସ୍ୟଙ୍କ ମଧ୍ୟରେ ସମୟ ଏବଂ ସମ୍ପର୍କ ହ୍ରାସ ପାଉଛି। କେତେକ ସମୟରେ ଛୋଟ ପିଲାମାନେ ସେମାନଙ୍କର ବଡ଼ମାନଙ୍କୁ ସମ୍ମାନ କରନ୍ତି ନାହିଁ ଏବଂ ବଡ଼ମାନେ ମଧ୍ୟ ଧର୍ଯ୍ୟ ହରାଇ ବସନ୍ତି। ଫଳସ୍ୱରୂପ ପରିବାରରେ ଶିଷ୍ଟାଚାର ଅବନତି ପାଇଥାଏ । ଏହା ଏକ ଚିନ୍ତାର ବିଷୟ। ପରିବାର ମଧ୍ୟରେ ଶିଷ୍ଟାଚାର ଶିକ୍ଷା ଆରମ୍ଭ ହେବା ଉଚିତ। ପିତାମାତାମାନେ ସେମାନଙ୍କ ପିଲାମାନଙ୍କୁ ନିଜ ଆଚରଣ ମାଧ୍ୟମରେ ଶିକ୍ଷା ଦେବା ଉଚିତ। ବିଦ୍ୟାଳୟରେ ନୈତିକ ଶିକ୍ଷା ଦିଆଯିବା ଉଚିତ। ଏହା ମାଧ୍ୟମରେ ପିଲାମାନେ ଭଲ ଆଚରଣର ମୂଲ୍ୟ ବୁଝିପାରିବେ। ଭାରତୀୟ ସଂସ୍କୃତି ଏବଂ ପରମ୍ପରା ହେଉଛି ଶିଷ୍ଟାଚାରର ମୂଳଦୁଆ। ଏହି ଆଲୋଚନା ମାଧ୍ୟମରେ ପରିବାରରେ ଭଲ ନୈତିକ ମୂଲ୍ୟବୋଧ ବିକଶିତ ହୋଇପାରିବ। ଶିଷ୍ଟାଚାର ପାଳନ ପାଇଁ ଆତ୍ମନିୟନ୍ତ୍ରଣ ଆବଶ୍ୟକ। କ୍ରୋଧ, ଅହଂକାର ଏବଂ ସ୍ୱାର୍ଥପରତା ପରିତ୍ୟାଗ କରିବା ଉଚିତ। ପରିବାରର ସଦସ୍ୟମାନେ ପରସ୍ପର ସହିତ ସମୟ ବିତାଇବା ଉଚିତ। ଏହା ସମ୍ପର୍କକୁ ମଜବୁତ କରେ ଏବଂ ଶିଷ୍ଟାଚାର ବିକଶିତ କରେ। ଏକ ଆଦର୍ଶ ପରିବାରରୁ ଏକ ଆଦର୍ଶ ସମାଜ ନିର୍ମିତ ହୁଏ। ପରିବାରରେ ଶିଷ୍ଟାଚାର ଥିଲେ ସମାଜରେ ଶାନ୍ତି, ଶୃଙ୍ଖଳା ଏବଂ ସମନ୍ୱୟ ରହିବ। ଯେଉଁ ଦେଶରେ ପରିବାର ଶିଷ୍ଟାଚାରରେ ପରିପୂର୍ଣ୍ଣ ଥାଏ ସେ ଦେଶ ପ୍ରଗତି ଏବଂ ସମୃଦ୍ଧି ଆଡକୁ ଆଗେଇଥାଏ । ଶିଷ୍ଟାଚାର ଜଣେ ବ୍ୟକ୍ତିକୁ କେବଳ ଜଣେ ଭଲ ପରିବାର ସଦସ୍ୟ ନୁହେଁ ବରଂ ଜଣେ ଭଲ ନାଗରିକ ଏବଂ ଜଣେ ଭଲ ମଣିଷ ମଧ୍ୟ ଗଢି ତୋଳିବାରେ ସାହାଯ୍ୟ କରେ । ଏହା ସମାଜରେ ପ୍ରେମ, ଭାଇଚାରା ଏବଂ ସହଯୋଗକୁ ପ୍ରୋତ୍ସାହିତ କରିଥାଏ। ଶିଷ୍ଟାଚାର ହେଉଛି ପାରିବାରିକ ଜୀବନର ମୌଳିକ ମୂଳଦୁଆ। ଏହା ପରିବାରକୁ ସୁସଂଗଠିତ, ଖୁସି ଏବଂ ଆଦର୍ଶ କରିଥାଏ। ଶିଷ୍ଟାଚାର ପାରସ୍ପରିକ ସମ୍ମାନ, ସ୍ନେହ, ସହଯୋଗ ଏବଂ ଦାୟିତ୍ୱକୁ ପ୍ରୋତ୍ସାହିତ କରିଥାଏ। ଏହା କେବଳ ପରିବାରକୁ ନୁହେଁ ବରଂ ସମଗ୍ର ସମାଜ ଏବଂ ଦେଶକୁ ପ୍ରଗତି ପଥରେ ଆଗେଇ ନେଇଥାଏ। ତେଣୁ ପ୍ରତ୍ୟେକ ପରିବାରରେ ଶିଷ୍ଟାଚାର ବିଷୟରେ ଆଲୋଚନା ହେବା ଉଚିତ। ପିଲାମାନଙ୍କୁ ଛୋଟ ବୟସରୁ ହିଁ ସୌଜନ୍ୟ, ଆଚାର ଏବଂ ନୈତିକତା ଶିଖାଇବା ଉଚିତ। ଯେତେବେଳେ ପ୍ରତ୍ୟେକ ପରିବାର ଶିଷ୍ଟାଚାରକୁ ନିଜର ଆଦର୍ଶ ଭାବରେ ଗ୍ରହଣ କରିବ ସେତେବେଳେ ସେ ପରିବାରର ଭାବ ମାଧୁର୍ଯ୍ୟମୟ ହେବା ସହିତ ତାଙ୍କ ଦ୍ୱାରା ଏକ ସୁନ୍ଦର, ସୁସ୍ଥ ଏବଂ ଆଦର୍ଶ ସମାଜ ସୃଷ୍ଟି ହେବାରେ ସହାୟକ ହେବ ।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ -**
**୮୨୪୯୫୦୨୭୭୬**

# ବଉଳାଗାଈ ର ଆତ୍ମକାହାଣୀ



**ଧୀରେନ୍ଦ୍ର ନାଥ ଦାସ**

ମୁଁ ବଉଳା । ମୋ ମାଲିକ ତଥା ପରିବାର ର ସମସ୍ତେ ମତେ ବଉଳା ବୋଲି ଡାକନ୍ତି । ମାଲିକଟି ଧନୀ ଓ ଥିଲାବାଲା ଲୋକ ଥିଲେ । ମୋର ସେବା ଯତ୍ନ କରିବା ପାଇଁ ଜଣେ ସେବାକାରୀ ନିଯୁକ୍ତ ଥିଲେ । ସବୁଦିନ ସକାଳୁ ସେବକଟି କୁନି ବାଛୁରୀ ପାଇଁ ଯଥେଷ୍ଟ କ୍ଷୀର ଛାଡିଦେଇ ମୋ ଠାରୁ ତିନିସେର କ୍ଷୀର ଦୁହିଁ କରି ନେଇଥାନ୍ତି । କ୍ଷୀର ଦୁହାଁହୋଇ ମାଲିକଙ୍କ ଘରକୁ ଗଲେ ପରିବାର ର ସବୁ ଲୋକ ଆମ ବଉଳା ଗାଈର ଦୁଧ ଆସିଲା ବୋଲି ଖୁସି ହୋଇଥାନ୍ତି ।

ସ୍ୱାଧୀନତା ପୂର୍ବରୁ ଓଡିଶାର ଲୋକମାନଙ୍କ ଘରେ ଘରେ ଗାଈ ବଳଦ ବାଛୁରୀ ମାନେ ଭରପୁର ହୋଇ ରହିଥିଲେ। ଘିଅ ,ଦୁଧ,ଦହି ,ଛେନା,ସର,ଲହୁଣୀ ସବୁ ଘରେ ଅଳ୍ପ ବହୁତ ମିଳୁଥିଲା । ଲୋକମାନେ ଦୁଗ୍ଧଜାତ ଦ୍ରବ୍ୟରେ ସ୍ୱାବଲମ୍ବୀ ଥିଲେ। ସ୍ୱାଧୀନତା ପରେ ପ୍ରାୟ କୋଡିଏ ବର୍ଷ ଏହି ଧାରା ବଜାୟ ରହିଥିଲା ।

ପଶୁ ସମ୍ପଦର ବିକାଶ ପାଇଁ ସରକାର ପଦକ୍ଷେପ ଗ୍ରହଣ କଲେ । ବିଜ୍ଞାନି ମାନେ ଉନ୍ନତ ଗବେଷଣା କରି ସଙ୍କର ଜାତୀୟ ଗାଈ ସୃଷ୍ଟି କରିବା ସହ ଏହାର ବ୍ୟାପକ ପ୍ରଚାର ପ୍ରସାର କରିଚାଲିଲେ । ଯାହାଦ୍ୱାରା କି ମୋ ଭଳି ବଉଳା ଗାଈ ମାନେ ଧୀରେ ଧୀରେ ମାଲିକ ମାନଙ୍କ ଗୁହାଳରୁ ହଟିଲେ । ହଳ ଲଙ୍ଗଳ ବନ୍ଦକରି ଟ୍ରାକ୍ଟରରେ ଚାଷ କରିବାରୁ ଆଉ ବଳଦଙ୍କ ଆବଶ୍ୟକତା ରହିଲା ନାହିଁ ।

ଏବେ ବଜାରରେ ପାଉଡର ସହିତ ବିଭିନ୍ନ କୃତିମ ଜନିଷ ତଥା କେମିକାଲ ମିଶାଯାଇ ନାମୀଦାମୀ କମ୍ପାନୀ ବ୍ରାଣ୍ଡରେ କ୍ଷୀର,ଦହି,ଛେନା,ସର,ଲହୁଣୀ ଘିଅ ଆଦି ବଜାରରେ ଭରପୁର ହୋଇଛି । ଅତୀତର ସେହି ମାଲିକ ମାନଙ୍କ ବଂଶଧର ମାନେ ଏହି ଦୁଗ୍ଧଜାତ ଜିନିଷ ଗୁଡ଼ିକ କିଣି ଖାଉଛନ୍ତି ।

ରାଇଜ ସାରା କାଁ ଭାଁ ବଉଳାର ବଂଶଧର ମାନେ ଅଛନ୍ତି । ଆଜିର ଦୁନିଆଁରେ ସର୍ବଗିଳା ମଣିଷ ଦଣ୍ଡା ,ଗୋଚର , ଅନାବାଦି,ପତିତ ଆଦି ସବୁ ଦଖଲ କରିଗଲେଣି । ଚାରଣ ଭୂମି ସରି ଆସିଲେଣି । ସରକାରଙ୍କ ଖାଦ୍ୟସୁରକ୍ଷା ଯୋଜନାରେ ଘରେ ଘରେ ଚାଉଳ ଭରପୁର ହେଉଛି । ଗୋଖାଦ୍ୟ କୁଣ୍ଡା କିଲୋ ସାତ ଟଙ୍କା ହେଲେଣି । ମୋ ବଂଶଧର ଖାଇବା ବିନା ବହୁତ ଦୁଃଖରେ ଅଧା ପେଟରେ ରହୁଛି । ଗୋପାଳକମାନେ ମୋର କ୍ଷୀର ଦେବା ସମୟ ସରିଲେ ନିର୍ଦ୍ଦୟ ମାଲିକ ମୋ ପିଲାମାନଙ୍କୁ ଗୁହାଳରୁ ବାଡେଇ ବାହାର କରିଦେଉଛି । ମୋ ପିଲାମାନେ ଏବେ ବାରବୁଲା ହୋଇ ବୁଲୁଛନ୍ତି । ଘାସ ତ ଏ ଯୁଗରେ ସାତ ସପନ ହେଲେଣି । ତେଣୁ ମୋ ପିଲାମାନେ ଶୁଖିଲା ପତର , ଜରି , ପଲିଥିନ୍, ଛିଣ୍ଡାଅଖା ଦାନ୍ତରେ ରଗଡୁଛନ୍ତି । ଗଡିଆ , ପୋଖରୀ, ଚୁଆ , ନାଳ ସବୁ ପୋତି ଦେଇ କୋଠାବାଡି କରାଯାଉଛି । ପାଣି ମୁନ୍ଦେ ପିଇବାକୁ ମଧ୍ୟ ପାଉନାହାନ୍ତି । ରାସ୍ତା , ନଦୀବନ୍ଧ, କେନାଲ ବନ୍ଧ , ଗାଁ ଦାଣ୍ଡ, ନଦୀ ବା କେନାଲ ବ୍ରିଜ ଉପର ହେଉଛି ସେମାନଙ୍କର ବିଶ୍ରାମସ୍ଥଳ । ବେପରୁଆ ଗାଡିଚାଳକଙ୍କ ଯୋଗୁ ମୋ ପିଲାମାନଙ୍କର ମଧ୍ୟ ଅକାଳମୃତ୍ୟୁ ଘଟୁଛି । ସେହିପରି ବିଜ୍ଞାନୀ ମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଶଙ୍କର ଜାତୀୟ ବଉଳା ମାନଙ୍କ ପିଲାମାନଙ୍କର ମଧ୍ୟ ଏକା ଅବସ୍ଥା । ସରକାର ବାହାଦୁର ବଉଳାର ପିଲାମାନଙ୍କ ସୂରକ୍ଷା ପାଇଁ କୌଣସି ଯୋଜନା କରୁ ନହାଁନ୍ତି । କିଛି ଯୁବକ ଗୋ ସୂରକ୍ଷା ବାହିନୀ ଓ ବଜରଙ୍ଗ ଦଳ ଗଢି ଟ୍ରକ ଅଟକେଇବା କାମ କରୁଛନ୍ତି । ସେମାନେ ସରକାରୀ ସ୍ୱୀକୃତି ପାଇଛନ୍ତି କି ନାହିଁ ତାହା ସରକାର ଜାଣନ୍ତି । ଯଦି ସ୍ୱେଚ୍ଛାସେବୀ ମାନେ ଗୋ ସୂରକ୍ଷା ପାଇଁ ଏତେ ବ୍ୟାକୁଳ ତାହେଲେ ସରକାରଙ୍କ ଉପରେ ଚାପ ପକେଇ ପ୍ରତି ପଞ୍ଚାୟତରେ ଗୋଶାଳା



ନିର୍ମାଣ କରୁନାହାଁନ୍ତି କାହିଁକି । ଗୋଶାଳା ହେଲେ ବଉଳାର ପିଲାମାନେ ସେଠାରେ ରହିପାରନ୍ତେ । ସରକାର ଗରିବ କଲ୍ୟାଣ ଯୋଜନା କରି ମଣିଷ ମାନଙ୍କ ପାଇଁ ଜଣ ପିଛା ମାସକୁ ୫ କିଲୋ ଚାଉଳ ବିନାମୂଲ୍ୟରେ ଯୋଗାଉଛନ୍ତି । ହେଲେ ବଉଳାର ପିଲାମାନଙ୍କ ପାଟି ଫିଟୁନି ବୋଲି ସରକାର ଏତେ ହିନିମାନ କରୁଛନ୍ତି । ପୁଣ୍ୟ ଭୂମି ଭାରତବର୍ଷରେ ମୋ ପିଲାମାନଙ୍କର ଖାଇପିଇ ବଞ୍ଚିବାର ଅଧିକାର ରହିଛି । ମୋ ପିଲାମାନଙ୍କ ଅଧିକାରକୁ ସରକାର ମାନିବାକୁ ପଡିବ । ସରକାର ଏ ସମ୍ବେଦନଶୀଳ ବିଷୟକୁ ହୃଦୟଙ୍ଗମ କରିବାର ସମୟ ଆସିଛି। ସରକାର ଉଦାସୀନ ରହିଲେ ବଉଳା ବଂଶଧର ସବୁଦିନ ପାଇଁ ଦୁନିଆଁରୁ ଲୋପ ପାଇଯିବେ । ଯଦି ସରକାର ବଉଳାର ବଂଶଧରମାନଙ୍କୁ ଉପାସ ଭୋକରେ ମାରିବାକୁ ଦିଅନ୍ତି ଓ ତାଙ୍କର ଆର୍ତ୍ତନାଦ ନଶୁଣନ୍ତି ତାହେଲେ ଭାରତରୁ ମାନବ ସଭ୍ୟତା ଅଚିରେ ଧ୍ୱଂସ ପାଇଯିବ ଏହା ହେଉଛି ବଉଳା ଗାଈର ମର୍ମବେଦନା ।

ମୁଁ ବଉଳା କହୁଛି – ଆଉ ଦଶ ପନ୍ଦର ବର୍ଷ ଭିତରେ ଓଡିଶା ମାଟିରୁ ମୋ ବଂଶଧର ମାନେ ଲୋପ ପାଇଯିବେ । ସବୁଦିନ ପାଇଁ ବଉଳା ଗାଈକୁ ଓ ତା'ର ଚରିତ କୁ ଭୁଲିଯିବେ । ଆଲବମ୍ ରେ ମୋ ଚିତ୍ର ରଖି ସେମାନଙ୍କ ବଂଶଧରମାନଙ୍କୁ ବଉଳା ଗାଈ ଥିଲା ବୋଲି ଦେଖେଇବା ବ୍ୟତୀତ ଆଉ କିଛି ନଥିବ । ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି ଗୋମାତା ପାଇଁ ଗୋଟିଏ ବୈଧାନିକ ଯୋଜନା କରିବା ପାଇଁ ବଉଳା ବଂଶଧର ମାନେ ନିବେଦନ କରିଛନ୍ତି ।

**ସୁଆଣ୍ଡୋ**
**ଦୂରଭାଷ ୯୯୩୮୧୩୯୦୩୮୧**

## ଦେବସ୍ନାନ ପୂର୍ଣ୍ଣିମା ୨୦୨୬

# ଡିଜିପିଙ୍କ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

## ବ୍ୟାପକ ସୁରକ୍ଷା ଓ ଶୃଙ୍ଖଳିତ ହେବ ଦର୍ଶନ

**କଟକ,୧୧।୬ :** ଆସନ୍ତା ଜୁନ୍ ୨୯ ତାରିଖରେ ମହାପ୍ରଭୁଙ୍କ ପବିତ୍ର ଦେବାସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବାକୁ




ଯାଉଛି । ଏହି ପରିପ୍ରେକ୍ଷୀରେ ଦେବସ୍ନାନ ପୂର୍ଣ୍ଣିମା ଉତ୍ସବକୁ ସୁରକ୍ଷିତ, ଶୃଙ୍ଖଳିତ ପରିବେଶ ମଧ୍ୟରେ ସମ୍ପନ୍ନ କରିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ଅବସରରେ ଆଜି କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ପୁରୀରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ନିୟନ୍ତ୍ରଣ, ଯାତାୟାତ ଏବଂ ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ଡିଜିପି ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଶ୍ରୀମନ୍ଦିରରେ ରୀତିନୀତି ଅନୁଯାୟୀ ସ୍ନାନଯାତ୍ରା ସମେତ ଆଗାମୀ ରଥଯାତ୍ରା ସମୟରେ ଯେପରି କୌଣସି ତ୍ରୁଟିବିଚ୍ୟୁତି ନ ହୋଇ ସୁଚାରୁରୂପେ ସମ୍ପନ୍ନ ହେବ, ସେଥିପାଇଁ ତୃଣମୂଳ ସ୍ତରରୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ଡିଜିପି ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଶ୍ରୀ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ଙ୍କ ଦ୍ୱାରା ସ୍ନାନଯାତ୍ରା ପରିଚାଳନା ସମ୍ପର୍କିତ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରାଯାଇଥିଲା । ସ୍ନାନପୂର୍ଣ୍ଣିମା ସମୟରେ ଶ୍ରୀମନ୍ଦିର ଭିତରେ ଓ ବାହାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏଥର ମୋଟ ୭୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବ । ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବରିଷ୍ଠ ଅଧିକାରୀ ସ୍ତରରେ ୦୬ ଜଣ ଝଚ/ ଉକ୍ଟଙ୍କଙ୍କବଭୟବଭଷ୍ପ, ୧୭ ଜଣ ଅତିରିକ୍ତ ଝଚ, ୪୨ ଜଣ ଉଝଚ ଏବଂ ୯୪ ଜଣ ଇନ୍ସପେକ୍ଟରଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି ୩୫୨ ଜଣ ଝଓ/ଇଝଓ, ୫୩ ଜଣ ହାବିଲଦାର, ୪୨୮ ଜଣ କନଷ୍ଟେବଳ ମୁତୟନ ହେବେ । ସ୍ନାନ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଏବଂ ସୁଦୃଢ଼ ବାରିକେଡ୍ ବ୍ୟବସ୍ଥା କରାଯାଇଛି । ଯାହା ଫଳରେ ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଇ ସହଜରେ ଦର୍ଶନ କରିପାରିବେ । ଶ୍ରୀମନ୍ଦିର ଭିତରେ, ଚାରିପାଖରେ ଏବଂ ସମସ୍ତ ବାରିକେଡ୍ ମଧ୍ୟରେ ଅତ୍ୟାଧୁନିକ ସିସିଟିଭି କ୍ୟାମେରା ସଂଯୋଗ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ । ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ତତ୍କାଳ ମୁକାବିଲା ପାଇଁ ବାରିକେଡ୍ ଏବଂ ମନ୍ଦିର ଭିତରେ ସ୍ୱତନ୍ତ୍ର କ୍ୱାକ୍ ଟିମ୍ ସଦାସର୍ବଦା ପ୍ରସ୍ତୁତ ରହିବେ । ପକେଟମାର୍ ଓ ଚେନ୍ ଲୁଟେରାଙ୍କୁ ରୋକିବା ପାଇଁ ସ୍ୱତନ୍ତ୍ର 'ଆଣ୍ଟି ସ୍ନାଚିଂ ସ୍କ୍ୱାଡ୍' ସହ ଆକସ୍ମିକ ସ୍ଥିତି ପାଇଁ 'ଷ୍ଟ୍ରାଇକିଂ ଫୋର୍ସ' ମୁତୟନ ରହିବେ । ଏହା ସହ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ସହ ସମନ୍ୱୟ ରଖାଯାଇ ଏହି ପବିତ୍ର ଦେବସ୍ନାନ ପୂର୍ଣ୍ଣିମାକୁ ସଫଳ ଭାବେ ଆୟୋଜନ କରିବାକୁ ଡିଜିପି ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଗୁଇନ୍ଦା ନିର୍ଦ୍ଦେଶକ ଶ୍ରୀ ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଏବଂ ଉପକୂଳ ସୁରକ୍ଷା) ଶ୍ରୀ ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ଶ୍ରୀ ସଞ୍ଜୟ କୁମାର, ପରିବହନ କମିଶନର ଶ୍ରୀ ଅମିତାଭ ଠାକୁର , ପୋଲିସ କମିସନର (ଭୁବନେଶ୍ୱର-କଟକ) ଡ଼ ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ଶ୍ରୀ ରାଜେଶ କୁମାର, ଆଇଜିପି, ଟ୍ରେନିଂ, (ବିପିଏସପିଏ) ଶ୍ରୀ ଅନୁପ କୁମାର ସାହୁ, ନିର୍ଦ୍ଦେଶକ (ଏସସିଆରବି) ଶ୍ରୀ ଅବିନାଶ କୁମାର, ଆଇଜି (କେନ୍ଦ୍ରାଞ୍ଚଳ) ଶ୍ରୀ ସତ୍ୟଜିତ ନାୟକ, ଡିଆଇଜି (ପ୍ରୋଭିଜନିଂ) ଶ୍ରୀ ଚରଣ ସିଂ ମିନା, ଡିଆଇଜି (ଏସଟିଏଫ) ଡ କନଓ୍ୱର ବିଶାଳ ସିଂ, ଡିଆଇଜି (କାର୍ମିକ) ଶ୍ରୀ ଯୁଗଳ କିଶୋର କୁମାର ବନୋଥ, ଡିଆଇଜି (କ୍ରାଇମବ୍ରାଞ୍ଚ) ଶ୍ରୀ ବି. ଗଙ୍ଗାଧରଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ । ଏହାସହ ଆଭାସୀ ମାଧ୍ୟମରେ ଡିଆଇଜି (ପୂର୍ବାଞ୍ଚଳ) ଶ୍ରୀ ପିନାକ ମିଶ୍ର, ଏସପି (ପୁରୀ) ଶ୍ରୀ ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ଉନସୁଗାର,ନଗଦ ଟଙ୍କା ସହ ମୋବାଇଲ ଜବତ

# ଜଣେ ଅଭିଯୁକ୍ତ କୋର୍ଟ ଚାଲାଣ

**ଧାମନଗର,୧୧।୬ :** ଧାମନଗର ଥାନା ପରିସରରେ ଆଇଆଇସି ସୁଭ୍ରଜିତ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି ଯେ ଧାମନଗର ପୋଲିସ ପକ୍ଷରୁ ଜଣେ ବ୍ରାଉନସୁଗାର ବିକ୍ରେତାଙ୍କ ଉପରେ ଚଢ଼ାଉ କରି ମଙ୍ଗଳବାର ଜଣକୁ ଗିରଫ କରାଯାଇଥିଲା । ଗିରଫ ଅଭିଯୁକ୍ତ ଜଣକ ହେଲେ ସ୍ଥାନୀୟ ଉତ୍ତେଇପୁର ଗ୍ରାମର ଦୁର୍ଯ୍ୟୋଧନ ପତିଙ୍କ ପୁଅ ମାନସରଞ୍ଜନ ପତି( ୨୬) ସୂଚନାଥାଉ କି ମାନସରଞ୍ଜନ ନିଶା କାରବାର କରୁଥିବାର ବିଶେଷ ସୂତ୍ରରୁ ପୋଲିସ ଖବର ପାଇ ଅଚାନକ ଚଢ଼ଉ କରିଥିଲା । ଅଭିଯୁକ୍ତ ପୋଲିସକୁ ଦେଖି ଦୌଡି ପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ କାବୁ କରି ମାନସ ଠାରୁ ୧୦ ଗ୍ରାମ ୩୦ ମିଲି ଓଜନର ବ୍ରାଉନସୁଗାର ଏବଂ ନଗଦ ୧୧ ହଜାର୧୦୦ ଟଙ୍କା,ଗୋଟିଏ ମୋବାଇଲ ଫୋନ ଜବତ କରିଛନ୍ତି । ଥାନା ଏସ୍ ?ଆଇ ମହେଶ୍ୱର ପ୍ରଧାନଙ୍କ ଅଭିଯୋଗ କ୍ରମେ ଥାନା କେସ୍ ? ନଂ ୨୫୭/୨୬ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମାନସରଞ୍ଜନଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଛି ଆଇଆଇସି ସୂଚନା ଦେଇଛନ୍ତି । ତେବେ ଏସ୍ ?ଆଇ ନାରାୟଣ ନାୟକ ତଦନ୍ତ ଅଧିକାରୀ ଭାବେ ଘଟଣାର ତଦନ୍ତ କରୁଛନ୍ତି । ଧାମନଗର ବିଭିନ୍ନ ସ୍ଥାନରେ ଚୋରା ମଦ,ଧଳା ଜହର ବିକ୍ରି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହି ନିଶା କାରବାର ଯୋଗୁ ଯୁବପିଢ଼ିଙ୍କ ର ଭବିଷ୍ୟତ ନଷ୍ଟ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହି ଚୋରା କାରବାର ଉପରେ ସମ୍ପୂର୍ଣ୍ଣ ରୋକେ ଲଗାଇବା ପାଇଁ ପୋଲିସ ନିୟମିତ ଚଢ଼ାଉ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।



# ସର୍ବୋଚ୍ଚ ନ୍ୟାୟାଳୟଙ୍କ 'ସମାଧାନ ସମାରୋହ - ୨୦୨୬' ବିଶେଷ ଲୋକ ଅଦାଲତ ପାଇଁ ଆବେଦନ

**କଟକ,୧୧।୬ :** ମାନ୍ୟବର ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏକ ବିଶେଷ ଲୋକ ଅଦାଲତ ଆସନ୍ତା ଜୁନ ୨୧,୨୨,୨୩ ତାରିଖରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଯାଉଛି । ଏହି ପ୍ରକ୍ରିୟାରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଠାରେ ବିଚାରଧୀନ ଥିବା ପାରିବାରିକ , ବିବାହ , ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଧନାଦେଶ ଅଗ୍ରାହ୍ୟ (ଚେକ୍ ବାଉନ୍ସ ) ମାମଲା , ଶ୍ରମ ବିବାଦ , ଭୂ – ଅଧିଗ୍ରହଣ ଜନିତ ମାମଲା ରଫାଯୋଗ୍ୟ ଫୌଜଦାରୀ ମାମଲା ଓ ଆପୋଷ ବୁଝାମଣାଦ୍ୱାରା ସମାପ୍ତ ହୋଇପାରୁଥିବା ସମ୍ଭାବ୍ୟ ଉପଯୁକ୍ତ ଅନ୍ୟାନ୍ୟ ମାମଲାଗୁଡିକ ଫଇସଲା କରାଯିବ । ଅଧିକ ସୂଚନା ନିମନ୍ତେ ଯୋଗାଯୋଗ କରନ୍ତୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କଟକ, ଫୋନ ନଂ- ୦୬୭୧-୨୩୬୮୩୮୩ , ୮୪୮୦୮୩୧୮୩୧ , ଇ- ମେଲ – dlsacuttack@gmail.com । ଏଥିରେ ଆଇନଜୀବୀ, ମକଦ୍ଦମାକାରୀ ଏବଂ ସମ୍ପୃକ୍ତ ପକ୍ଷମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ବିବାଦର ଶୀଘ୍ର ଓ ସହଜ ସମାଧାନ କରିପାରିବେ । ଅଂଶଗ୍ରହଣକାରୀମାନେ ଶାରୀରିକ ଭାବେ କିମ୍ବା ଅନଲାଇନ୍ ମାଧ୍ୟମରେ ଯୋଗଦେଇ ପାରିବେ । ଏହି ବିଶେଷ ଲୋକ ଅଦାଲତରେ ମାମଲା ଅନ୍ତର୍ଭୁକ୍ତ କରିବାକୁ ଇଚ୍ଛୁକ ପକ୍ଷମାନେ ନିର୍ଦ୍ଧାରିତ ଗୁଗୁଲ୍ ଫର୍ମ ପୂରଣ କରି ଆବେଦନ କରିପାରିବେ । ଏହି ସମ୍ପର୍କରେ ସମସ୍ତ ତଥ୍ୟ ଏବଂ ଆବେଦନ ଲିଙ୍କ ସର୍ବୋଚ୍ଚ ନ୍ୟାୟାଳୟର ୱେବସାଇଟରେ ଉପଲବ୍ଧ ରହିଛି ।

# ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କଲେ ମୁଖ୍ୟ ନିର୍ବାଚନ ଅଧିକାରୀ

**କଟକ,୧୧।୬ :** କଟକ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଝକ୍ଟ୍ରରମସବକ୍ଷ ଓଭସ୍ପରଭ-ଶ୍ବସଙ୍ଗର ଜରଙ୍ଗସବ୍ବସକ୍ଟଭ) କାର୍ଯ୍ୟର ଅଗ୍ରଗତି ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର. ଏସ୍. ଗୋପାଳନ ଆଜି ସମୀକ୍ଷା କରି ନିର୍ବାଚନ ମଣ୍ଡଳୀ ଅନୁଯାୟୀ ଏନୁମରେସନ୍ ଫର୍ମ ବଣ୍ଟନ, ସଂଗ୍ରହ ଓ ଡିଜିଟାଇଜେସନ୍ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ । ଜିଲ୍ଲାରେ ଆଜି ସୁଦ୍ଧା ମୋଟ ୯୩ ପ୍ରତିଶତ ଏନୁମରେସନ୍ ଫର୍ମ ବଣ୍ଟନ କାର୍ଯ୍ୟ ସମ୍ପନ୍ନ ହୋଇଛି । ଜିଲ୍ଲାର ୯ଟି ଯାକ ବିଧାନସଭା ନିର୍ବାଚନମଣ୍ଡଳୀରେ ବୁଥ୍ ସ୍ତରୀୟ ଅଧିକାରୀମାନେ ଘର ଘର ବୁଲି ଭୋଟରମାନଙ୍କୁ ଫର୍ମ ପ୍ରଦାନ କରୁଛନ୍ତି । ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ଫର୍ମ ବଣ୍ଟନ କରାଯାଇଥିବାବେଳେ ଏହା ପଛକୁ କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି । ଶ୍ରୀ



ଗୋପାଳନ ସମସ୍ତ ନିର୍ବାଚନ ମଣ୍ଡଳୀରେ ଧାର୍ଯ୍ୟ ସମୟ ମଧ୍ୟରେ ଏନୁମରେସନ୍ ଫର୍ମ ବଣ୍ଟନ, ସଂଗ୍ରହ ଓ ଡିଜିଟାଇଜେସନ୍ କାର୍ଯ୍ୟ ଶେଷ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସଠିକ୍, ସ୍ୱଚ୍ଛ ଓ ସମୟବଦ୍ଧ ଭାବେ ସମାପ୍ତ କରିବା ପାଇଁ ସେ ନିର୍ବାଚନ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିଲେ । କେତେକ ସ୍ଥାନରେ ଭୋଟରମାନେ ସ୍ଥାନ ପରିବର୍ତ୍ତନ କରିଥିବାରୁ ସେମାନଙ୍କୁ ଚିହ୍ନଟ କରି ଏନୁମରେସନ୍ ଫର୍ମ ପହଞ୍ଚାଇବାରେ ସାମାନ୍ୟ ସମସ୍ୟା ସୃଷ୍ଟି ହେଉଛି । ତେବେ ଯେଉଁ ଯୋଗ୍ୟ ଭୋଟରମାନେ ଏପର୍ଯ୍ୟନ୍ତ ଫର୍ମ ପାଇନାହାନ୍ତି, ସେମାନେ ନିକଟସ୍ଥ ବିଏଲଓଙ୍କ ସହ ଯୋଗାଯୋଗ କରି ନିଜର ଏନୁମରେସନ୍ ଫର୍ମ ପୂରଣ କରିବାକୁ ପରାମର୍ଶ ଦିଆଯାଇଛି । ଏଥିସହ ମୋବାଇଲ ଆପ୍ ମାଧ୍ୟମରେ ମଧ୍ୟ ଅତ୍ୟନ୍ତ ସହଜ ଓ କମ୍ ସମୟ ମଧ୍ୟରେ ଏନୁମରେସନ୍ ଫର୍ମ ପୂରଣ କରାଯାଇପାରୁଥିବାରୁ ଭୋଟରମାନେ ନିଜେ ନିଜେ ଅନଲାଇନ୍ ମାଧ୍ୟମରେ ଫର୍ମ ପୂରଣ କରିବାକୁ ଅନୁରୋଧ କରାଯାଇଛି । ଜିଲ୍ଲାର ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀର ବିଏଲଓମାନେ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ତତ୍ପରତାର ସହ ନିୟୋଜିତ ରହି କାର୍ଯ୍ୟ କରୁଛନ୍ତି । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ସ୍ୱତନ୍ତ୍ର ସଚିବ ଶ୍ରୀ ସୁଶାନ୍ତ କୁମାର ମିଶ୍ର, କଟକ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କମଳଜିତ୍ ଦାସ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦିବ୍ୟଲୋଚନ ମହାନ୍ତ, ଡେପୁଟୀ ସିଇଓ ଶ୍ରୀ ଲକ୍ଷ୍ମୀ ପ୍ରସାଦ ସାହୁ, ଡେପୁଟୀ ସିଇଓ ଶ୍ରୀମତୀ ଅନାମିକା ସିଂହଙ୍କ ସମେତ ଜିଲ୍ଲାର ୯ଟି ଯାକ ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚକ ପଞ୍ଜିକରଣ ଅଧିକାରୀ ଓ ସହାୟକ ନିର୍ବାଚକ ପଞ୍ଜିକରଣ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବ୍ରହ୍ମାକୁମାରୀଙ୍କ ପକ୍ଷରୁ ଗ୍ରୀଷ୍ମ କାଳୀନ ଆଧ୍ୟାତ୍ମିକ ଶିବିର



**ଦାମନଯୋଡ଼ି,୧୧।୬ :** ନାଲକୋ ଟାଉନସିପ ସେକ୍ଟର- ୧ ସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ରାଜଯୋଗ ଉପ ସେବାକେନ୍ଦ୍ର ଠାରେ ପିଲାମାନଙ୍କ ନିମନ୍ତେ ଏକ ତିନିଦିନିଆ ଗ୍ରୀଷ୍ମ କାଳୀନ ଆଧ୍ୟାତ୍ମିକ ଶିବିର ଅନୁଷ୍ଠିତ ହୋଇଯାଇଛି । ୭ରୁ ୯ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟାରେ ଦୁଇଘଣ୍ଟା ଧରି ପିଲାଙ୍କୁ ଧ୍ୟାନ,ଯୋଗ,ସୁବିଚାର,ଖାଦ୍ୟାଭାସ, ମୋବାଇଲର ଦୁରୁପଯୋଗ ନକରିବା,ଦୈନନ୍ଦିନ ଜୀବନଚର୍ଯ୍ୟା,ପାଠ ପ୍ରତି ଏକାଗ୍ରତା,ସଂସ୍କାର ଆଦି ଶିକ୍ଷା ଦିଆଯାଇଥିଲା ।ଏଥି ସହିତ କୌତୁକିଆ ଖେଳ,ବୌଦ୍ଧିକ ପରୀକ୍ଷା ଆଦି ମଧ୍ୟ ହୋଇଥିଲା ।ପ୍ରତ୍ୟହ ଶତାଧିକ ପିଲା ଓ କିଛି ଅଭିଭାବକ ଶିବିରରେ ଯୋଗଦେଇ ଶିକ୍ଷା ଗ୍ରହଣ କରିଥିଲେ ।ନବରଙ୍ଗପୁରରୁ ବ୍ରହ୍ମାକୁମାରୀ ଗୀତା ଭଉଣୀଙ୍କ ସହିତ ନୂଆପଡ଼ା ଜିଲ୍ଲା ଖରିଆରରୋଡ଼ରୁ ବ୍ରହ୍ମାକୁମାରୀ ଅନିତା ଓ ରଶ୍ମିତା ଦୃଶ୍ୟ ଶ୍ରାବ୍ୟ ମାଧ୍ୟମରେ ବିଭିନ୍ନ ଉଦାହରଣ ଦେଇ ପିଲାଙ୍କୁ ଶିକ୍ଷାଦାନ କରିଥିଲେ ।ନାଲକୋ ମୁଖ୍ୟ ମହାପ୍ରବନ୍ଧକ ଦୁର୍ଯ୍ୟୋଧନ ବେହେରା ଓ ଦାମନଯୋଡ଼ି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଶାଖା ପରିଚାଳକ ଶୁଭ୍ରାଂଶୁ ନନ୍ଦ ନିମନ୍ତ୍ରିତ ଅତିଥି ରୂପେ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିବା ସହିତ ଏଭଳି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ ।ବ୍ରହ୍ମାକୁମାରୀଙ୍କ ଦାମନଯୋଡ଼ି ଶାଖା ସଂଚାଳିକା ବ୍ରହ୍ମାକୁମାରୀ କବିତା ଭଉଣୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।ବ୍ରହ୍ମାକୁମାର ରାଜୀବ,ସୁକାନ୍ତ,ହେମନ୍ତ ଓ ସନ୍ତୋଷ ଭାଇଙ୍କ ସହିତ ବ୍ରହ୍ମାକୁମାରୀ ରୀନା,ସ୍ମିତା,ସସ୍ମିତା ଓ କ୍ରୀଷ୍ଣା ଭଉଣୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ୨୬ ବର୍ଷର ନିରବତା ଭାଙ୍ଗିବ, ପୁଣି ଗର୍ଜିବ ତିର୍ତ୍ତୋଲ ସୂତାକଳ

# ୨୩ କୋଟିର ପୁନରୁଦ୍ଧାର ଯୋଜନା

■ ହଜାର ହଜାର ପରିବାରର ଆଶାରେ ନୂଆ ଆଲୋକ

**ଜଗତସିଂହପୁର,୧୧।୬ :** ଦୀର୍ଘ ୨୬ ବର୍ଷର ଅପେକ୍ଷାର ଅନ୍ତ ଘଟିବାକୁ ଯାଉଛି । ଏକଦା ଜଗତସିଂହପୁର ଜିଲ୍ଲାର ଶିଳ୍ପ କ୍ଷେତ୍ରରେ ପରିଚୟ ଦେଇଥିବା ତିର୍ତ୍ତୋଲ ଶାରଳା ବୁଣାକାର ସମବାୟ ସୂତାକଳ ପୁଣିଥରେ ଜୀବନ ପାଇବାକୁ ଯାଉଛି । ବର୍ଷ ବର୍ଷ ଧରି ଅଚଳ ହୋଇ ପଡ଼ିଥିବା ଏହି ଐତିହାସିକ ସୂତାକଳର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ଗତବର୍ଷ ଜିଲ୍ଲା ମହୋତ୍ସବ 'କଲ୍ଲୋଳ' ଅବସରରେ ଜଗତସିଂହପୁର ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂତାକଳକୁ ପୁନଃ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏବେ ସେହି ପ୍ରତିଶ୍ରୁତି ବାସ୍ତବ ରୂପ ନେବାକୁ ଯାଉଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ନୂଆ ଆଶା ସଞ୍ଚାର ହୋଇଛି । ସୂଚନା ଅନୁଯାୟୀ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସମ୍ପ୍ରତି ଏହି ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ । ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ସୂତାକଳକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ହସ୍ତତନ୍ତ ଓ ବସ୍ତ୍ର ବିଭାଗ ମାଧ୍ୟମରେ ୨୩ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା ହୋଇଥିବା ଜଣାପଡ଼ିଛି । ୧୯୮୨ ମସିହାରେ ପ୍ରତିଷ୍ଠିତ ଏହି ସୂତାକଳ ଏକ ସମୟରେ ଓଡ଼ିଶାର ବସ୍ତ୍ର ଶିଳ୍ପର ଅନ୍ୟତମ ପ୍ରମୁଖ କେନ୍ଦ୍ର ଭାବେ ପରିଚିତ ଥିଲା । ଏଠାରେ ଉତ୍ପାଦିତ ସୂତା ରାଜ୍ୟର ବିଭିନ୍ନ ଅଞ୍ଚଳ ସହ ବାହାର ରାଜ୍ୟକୁ ମଧ୍ୟ ଯୋଗାଣ ହେଉଥିଲା । କିନ୍ତୁ ୧୯୯୯ ମସିହାର ମହାବାତ୍ୟା ପରେ କାରଖାନାଟି ଗୁରୁତର କ୍ଷତିଗ୍ରସ୍ତ ହୋଇ ଉତ୍ପାଦନ ବନ୍ଦ ହୋଇଯାଇଥିଲା । ପରବର୍ତ୍ତୀ ସମୟରେ ଏହା ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଥିଲା । ପ୍ରାୟ ୨୫ ଏକର ପରିମିତ ଜମି ଉପରେ ଗଢ଼ିଉଠିଥିବା ଏହି ଶିଳ୍ପ ପ୍ରତିଷ୍ଠାନ ପୁଣି ଚାଲୁ ହେଲେ ସ୍ଥାନୀୟ ଯୁବପିଢ଼ି ପାଇଁ ରୋଜଗାରର ନୂଆ ଦ୍ୱାର ଖୋଲିବ । ସେହିପରି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ମଧ୍ୟ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ଆଶା କରାଯାଉଛି । ସ୍ଥାନୀୟ ବୁଦ୍ଧିଜୀବୀ ଓ ଶିଳ୍ପପ୍ରେମୀଙ୍କ ମତରେ, ଶାରଳା ସୂତାକଳର ପୁନରୁଦ୍ଧାର କେବଳ ଗୋଟିଏ ବନ୍ଦ କାରଖାନାକୁ ଚାଲୁ କରିବାର ପ୍ରୟାସ ନୁହେଁ; ଏହା ଜଗତସିଂହପୁରର ଗୌରବମୟ ଶିଳ୍ପ ଐତିହ୍ୟର ପୁନର୍ଜାଗରଣ ।





# ପେଟ୍ରୋଲିୟମ ସାମଗ୍ରୀ ଯୋଗାଣ ନେଇ ଜିଲ୍ଲାପାଳଙ୍କ ସମୀକ୍ଷା



**କେନ୍ଦୁଝର,୧୧।୬ :** କେନ୍ଦୁଝର ଜିଲ୍ଲାରେ ପେଟ୍ରୋଲିୟମ ସାମଗ୍ରୀର ନିରବଚ୍ଛିନ୍ନ ଯୋଗାଣ, ବଣ୍ଟନ ଏବଂ କଳାବଜାରୀ ରୋକିବା ଲକ୍ଷ୍ୟରେ ଆଜି ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧକ୍ଷତାରେ 'ଜିଲ୍ଲା ସଙ୍କଟ ପରିଚାଳନା ଗୋଷ୍ଠୀ'ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାରେ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ୍ ଭଳି ଜରୁରୀ ପେଟ୍ରୋଲିୟମ ସାମଗ୍ରୀର ସାମ୍ପ୍ରତିକ ସ୍ଥିତି ଓ ଉପଲବ୍ଧତା ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା । ବଜାରରେ ଏହି ସବୁ ସାମଗ୍ରୀର ଯେପରି କୌଣସି କୃତ୍ରିମ ଅଭାବ ସୃଷ୍ଟି ନହୁଏ ଏବଂ ଗ୍ରାହକମାନେ ଯେପରି ସହଜରେ ପେଟ୍ରୋଲିୟମ ସାମଗ୍ରୀ ପାଇପାରିବେ, ସେଥିପାଇଁ ବିଭିନ୍ନ ତୈଳ କମ୍ପାନୀର ପ୍ରତିନିଧିମାନଙ୍କୁ ନିରବଚ୍ଛିନ୍ନ ଯୋଗାଣ ବଜାୟ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ପେଟ୍ରୋଲିୟମ ସାମଗ୍ରୀର ସଠିକ୍ ଉପଲବ୍ଧତା ନିଶ୍ଚିତ କରିବା ଏବଂ କଳାବଜାରୀ କିମ୍ବା ବେଆଇନ ମହଜୁଦ ରୋକିବା ପାଇଁ ପ୍ରଶାସନ ସର୍ବଦା ସତର୍କ ରହିଛି । ଯଦି କୌଣସି ଅଞ୍ଚଳରେ ଏହି ସାମଗ୍ରୀର ଅଭାବ ଦେଖାଦିଏ କିମ୍ବା କଳାବଜାରୀ ହେଉଥିବାର ସୂଚନା ମିଳେ, ତେବେ ତୁରନ୍ତ ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ କିମ୍ବା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଇବା ପାଇଁ ନିବେଦନ କରାଯାଇଛି । ବୈଠକରେ ବିଶେଷ ଭାବେ ହରିଚନ୍ଦନପୁର, ବାଂଶପାଳ ଏବଂ ତେଲକୋଇ ବ୍ଲକରେ ପେଟ୍ରୋଲିୟମ ସାମଗ୍ରୀର ସୁବିଧାଜନକ ବଣ୍ଟନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ବୈଠକରେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ପୋଲିସ ବିଭାଗ, ସିଭିଲ୍ ସପ୍ଲାଇ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗର ପ୍ରତିନିଧି ଏବଂ ତେଲ କମ୍ପାନୀ (ଆଇଓସିଏଲ, ବିପିସିଏଲ, ଏଚପିସିଏଲ)ର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

# ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଡିଜିପି

**କଟକ,୧୧।୬ :** ଚଳିତ ମାସ ୧୯ ଓ ୨୦ ତାରିଖରେ ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତକୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ନିର୍ବିଘ୍ନ ଭାବେ ସମ୍ପନ୍ନ କରିବା ନିମନ୍ତେ ଆଜି କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଡିଜିପି ଭିଭିଆଇପିଙ୍କ ଗସ୍ତ ଅବସରରେ ସୁରକ୍ଷା ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ଘନିଷ୍ଠ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୁରକ୍ଷା ବ୍ୟବସ୍ଥାରେ କୌଣସି ପ୍ରକାର ତ୍ରୁଟି କିମ୍ବା ବ୍ୟତିକ୍ରମ ନ ଘଟିବା ପାଇଁ ପ୍ରତ୍ୟେକ ବ୍ୟବସ୍ଥାର ନିୟମିତ ସମୀକ୍ଷା ଓ ତଦାରଖ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଜନସମାଗମ ହେବାର ସମ୍ଭାବନା ଥିବାରୁ ସମସ୍ତ ସ୍ଥାନରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯିବ । ହେଲିପ୍ୟାଡ୍, ସଭାସ୍ଥଳ ଏବଂ ଭିଭିଆଇପିଙ୍କ ଯାତାୟାତ ମାର୍ଗରେ ବହୁସ୍ତରୀୟ ସୁରକ୍ଷା ବଳୟ ପ୍ରସ୍ତୁତ କରାଯିବା ସହ ବୈଷୟିକ ଯାଞ୍ଚ ଓ ଆଣ୍ଟି-ସାବୋଟାଜ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କ୍ରିୟାଶୀଳ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସାଧାରଣ ଜନତାଙ୍କ ଯାତାୟାତରେ ଯେପରି ସର୍ବନିମ୍ନ ବାଧା ସୃଷ୍ଟି ହୁଏ, ସେଥିପାଇଁ ମୟୂରଭଞ୍ଜର ପ୍ରମୁଖ ସଡ଼କଗୁଡ଼ିକରେ ଆବଶ୍ୟକ ଟ୍ରାଫିକ ଡାଇଭର୍ସନ ବ୍ୟବସ୍ଥା କରାଯିବ ଏବଂ କାର୍ଯ୍ୟକ୍ରମ ସ୍ଥଳ ନିକଟରେ ଅତିରିକ୍ତ ପାର୍କିଂ ସ୍ଥଳୀ ଚିହ୍ନଟ କରାଯାଇଛି । ଭିଡ଼ ନିୟନ୍ତ୍ରଣ ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଏସଓଜି, ଷ୍ଟ୍ରାଇକିଂ ଫୋର୍ସ ଓ କେ-୯ ସ୍ପେଶାଲ ସ୍କ୍ୱାଡ୍ ନିୟୋଜିତ କରାଯିବ । ସେହିପରି ସମଗ୍ର ଅଞ୍ଚଳର ନିରୀକ୍ଷଣ ପାଇଁ ଅତିରିକ୍ତ ସିସିଟିଭି କ୍ୟାମେରା ଏବଂ ଡ୍ରୋନ୍ ସର୍ଭେଲାନ୍ସର ବ୍ୟବସ୍ଥା କରାଯିବ । ମୟୂରଭଞ୍ଜ ଏକ ସୀମାନ୍ତ ଜିଲ୍ଲା ହୋଇଥିବାରୁ ପଡ଼ୋଶୀ ରାଜ୍ୟ ସୀମାନ୍ତରେ ନାକାବନ୍ଦୀ ଓ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରାଯିବ । ଏଥିସହ ସ୍ଥାନୀୟ ହୋଟେଲ, ଲଜ୍ ଓ ଅନ୍ୟାନ୍ୟ ଆବାସିକ ସ୍ଥାନଗୁଡ଼ିକରେ ନିୟମିତ ଯାଞ୍ଚ ଓ ତଦାରଖ ଜାରି ରଖିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଆପାତକାଳୀନ ଚିକିତ୍ସା ସେବା, ଅଗ୍ନିଶମ ବ୍ୟବସ୍ଥା, ଟ୍ରାଫିକ ପରିଚାଳନା ଏବଂ ଜିଲ୍ଲା ପ୍ରଶାସନ ସହ ତ୍ୱରିତ ସମନ୍ୱୟ ରକ୍ଷା କରି ଯେକୌଣସି ପରିସ୍ଥିତିର ତତ୍କାଳ ମୁକାବିଲା କରିବା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ଏହି ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମ ବ୍ରାଞ୍ଚ) ଶ୍ରୀ ବିନୟତୋଷ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଶ୍ରୀ ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଶ୍ରୀ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଶ୍ରୀ ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ଶ୍ରୀ ସଞ୍ଜୟ କୁମାର, ପରିବହନ କମିଶନର ଶ୍ରୀ ଅମିତାଭ ଠାକୁର, ପୋଲିସ କମିସନର (ଭୁବନେଶ୍ୱର-କଟକ) ଡଃ ଦେବଦତ୍ତ ସିଂହ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ଶ୍ରୀ ରାଜେଶ କୁମାର ଓ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହାସହ ଆଭାସୀ ମାଧ୍ୟମରେ ଡିଆଇଜି (ପୂର୍ବାଞ୍ଚଳ) ଶ୍ରୀ ପିନାକ ମିଶ୍ର ଏବଂ ଏସପି (ମୟୂରଭଞ୍ଜ) ଶ୍ରୀ ବରୁଣ ଗୁଣ୍ଟୁପାଲି ପ୍ରମୁଖ ଯୋଗ ଦେଇଥିଲେ ।

